ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.251 Bhubaneswar Thursday, November 25, 2021 | ୨୪ତମ ବର୍ଷ ସଂଖ୍ୟା-୨୫୧ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବରଯାତ୍ରୀ ଶୋଭାଯାତ୍ରା ଉପରେ ମାଡିଗଲା ଟ୍ରକ୍, ବର ପିତାଙ୍କ ସମେତ ଦୁଇ ମୃତ

ମାଲକାନଗିରି ,୨୪।୧୧(ପି.ଏନ): ବରଯାତ୍ରୀ ଶୋଭାଯାତ୍ରା ଉପରେ ମାଡିଗଲା ଏକ ଦ୍ରୁତଗାମୀ ଟ୍ରକ୍। ଫଳରେ ଘଟଣାସ୍ଥଳରେ ବର ପିତାଙ୍କ ସମେତ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣ ଗୁରୁତର ଆହତ ହୋଇ ମେଡିକାଲ୍ ?ରେ ଭର୍ତ୍ତି ହୋଇଛନ୍ତି। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡକ ଦୁର୍ଘଟଣା ମାଲକାନଗିରି ଜିଲ୍ଲାରେ ଘଟିଛି। ବରଯାତ୍ରୀଙ୍କ ଉପରେ ମାଡି ଯାଇଥିବା ଟ୍ରକ୍ ଚାଳକ ନିଶାସକ୍ତ ଥିବା ଅଭିଯୋଗ ହୋଇଛି। ଆଜି ଥିଲା ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁଙ୍କ ପୁଅର ବାହାଘର। ସେଥିପାଇଁ ପାଇଁ ପୂରା ପରିବାର ଖୁସିରେ ବସ୍‌ଗୁଲ୍ ଥିଲା। ଅପରାହ୍ନରେ ନିର୍ଦ୍ଧାରିତ ସମୟରେ ଘରୁ ବାହାରିଥିଲା ବର ଶୋଭାଯାତ୍ରା। ବର ଯାତ୍ରୀମାନେ ୩୨୬ ନମ୍ବର ଜାତୀୟ ରାଜପଥ



ପାର୍ଶ୍ୱରେ ଶୋଭାଯାତ୍ରାରେ ଯାଉଥିଲେ। ଠିକ୍ ଏତିକି ବେଳେ ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁ ଓ ଜଣେ ବରଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହାଛଡା ଆଉ ୩ ଜଣ ବରଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକକୁ ଘୁସାରି ଆଣି ନିର୍ଘୁମ ଛେଚିଛନ୍ତି। ପରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ରାସ୍ତା ଅବରୋଧ ଯୋଗୁ ଗାଡି ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକ ଚାଲିଥିବା ଜଣାପଡିଛି।

## ଏଣ୍ଡେମିକ୍ ଆଡକୁ ଗତି କରୁଛି କରୋନା

ଭୁବନେଶ୍ୱର, ୨୪।୧୧(ପି.ଏନ): ବିଶେଷଜ୍ଞମାନେ କହୁଛନ୍ତି ଯେ, ସଂକ୍ରମଣ କମ ହେବା ସହ କରୋନା ଏବେ 'ଏଣ୍ଡେମିକ୍' ଆଡକୁ ଗତି କରୁଛି। ତେବେ କୋଭିଡ ଯଦି ନିଜର ଭାରିଆଂଟ ପରିବର୍ତନ କରେ ତେବେ ବିପଦ ଆସିପାରେ। ବିଦେଶରେ ନୂଆ ଭାରିଆଂଟ ଆସିନଥିବାରୁ ଓଡ଼ିଶାରେ ଏବେ ସଂକ୍ରମଣ କମ ରହିଛି। ନୂଆ ଭାରିଆଂଟ ବିଷୟରେ ଜାଣିବା ପାଇଁ ନିରନ୍ତର ପରୀକ୍ଷା କରାଯାଉଛି। ଆମେ ପ୍ରତିଦିନ ଟେଷ୍ଟିଙ୍ଗ କରୁଛୁ ଏବଂ ପଜିଟିଭିଟି ସଂଖ୍ୟା ଉପରେ ନଜର ରଖୁଛୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ରାଜ୍ୟରେ ଏବେ କରୋନାସ୍ଥିତି ସମ୍ପର୍କରେ ସେ କହିଛନ୍ତି ଯେ ବର୍ତମାନ ରାଜ୍ୟରେ କରୋନା ସଂକ୍ରମଣ କମ ରହିଛି। ତେବେ ଏହା ଯେମିତି ଆଗାମୀ ଦିନରେ ଆହୁରି କମିବ ସେ ନେଇ ସରକାର ଲୋକଙ୍କୁ ସତର୍କ ରହିବାକୁ କହୁଛନ୍ତି। ଆଖ ପାଖ ଦେଶରୁ କୋଭିଡ ସଂକ୍ରମିତ ଆମ ଦେଶକୁ ଆସିବା କାରଣରୁ ଆମ ଦେଶ ବି ପ୍ରଭାବିତ ହେଉଥିଲା। ହେଲେ ଏବେ କରୋନା ସଂକ୍ରମିତ ଅଧିକ ଥିବା ଦେଶକୁ ଯାତାୟତ କରିବା ଉପରେ କଟକଣା ଲାଗିଥିବାରୁ ସଂକ୍ରମଣ କମ ରହୁଛି। ସେହିପରି ଶିକ୍ଷାନୁଷ୍ଠାନରେ ଏବେ କୋଭିଡ କଟକଣା କଡାକଡି କରାଯାଇଥିବା ସହ ଆମର ପ୍ରତି ଅଂଚଳରେ ସର୍ଭିଲାନ୍ସ ଟିମ ରହିଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

### ଓକାକ୍ ସିଇଓଙ୍କୁ ଠକେଇ ମାମଲା : ପାସ୍କେଲ ନୁହେଁ ମୁଖ୍ୟ ଅଭିଯୁକ୍ତ, ନାଇଜେରିଆରୁ ଅପରେଟ୍ ହେଉଛି ଗ୍ୟାଙ୍ଗ୍

ଭୁବନେଶ୍ୱର, ୨୪।୧୧(ପି.ଏନ): ଓକାକ୍ ସିଇଓଙ୍କ ହ୍ୱାଟସ୍ ଆପ୍ ହ୍ୟାକ ଓ ଟଙ୍କା ଠକେଇ ମାମଲାରେ ଗତକାଲି ଦିଲ୍ଲୀ ପୋଲିସ ଗିରଫ କରିଥିବା ପାସ୍କେଲ ମୁଖ୍ୟ ଅଭିଯୁକ୍ତ ନୁହେଁ। ଠକେଇ ପଛରେ ଆହୁରି ଅନେକ ଗ୍ୟାଙ୍ଗ ସାମିଲ ଅଛନ୍ତି। ନାଇଜେରିଆରେ ରହି ମୁଖ୍ୟ ଅଭିଯୁକ୍ତ ଏହାର ପରିଚାଳନା କରୁଥିବା ପାସ୍କେଲଙ୍କୁ ପଚରାଉଚରା ପରେ ଜଣାପଡିଛି। ଗିରଫ ଅଭିଯୁକ୍ତ ପାସ୍କେଲକୁ ଜଣେ ଡିଏସପିଙ୍କ ନେତୃତ୍ୱରେ ପଚରାଉଚରା କରାଯାଉଛି। ପଚରାଉଚରା ବେଳେ ଜଣାପଡିଛି ବେଙ୍ଗାଲୁରୁ, ମୁମ୍ବାଇ, ଦିଲ୍ଲୀରେ ଗ୍ୟାଙ୍ଗର ଅନେକ ଠକ ଅଛନ୍ତି। ସମସ୍ତ ଠକ ନାଇଜେରିଆର। ଦିଲ୍ଲୀ ପୋଲିସ ଧରିଥିବା ଦୁଇ ଅଭିଯୁକ୍ତଙ୍କର ଭିସା ବାତିଲ୍ କରାଯାଇଛି। ୨୦୧୨ରୁ ଭାରତ ଆସି ଏମାନେ ଏଠାରେ ରହୁଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କ ଆକାଉଂଟକୁ ଟଙ୍କା ଆସିବା ପରେ ଏଟିଏମ୍ ରୁ ଟଙ୍କା ବାହାର କରନ୍ତି। ଠକେଇ ଟଙ୍କାର ୧୦ପ୍ରତିଶତ ଟଙ୍କା ନିଅନ୍ତି। ସୂଚନା ଯୋଗ୍ୟ ଯେ, ଦିଲ୍ଲୀ ପୋଲିସ ଅଭିଯୁକ୍ତ ଓକ୍ୱଡିରି ପାସ୍କେଲକୁ ବେଙ୍ଗାଲୁରୁରୁ ଗିରଫ କରିଥିଲା। ଏହାପରେ ୨ ଜଣିଆ କ୍ରାଇମବ୍ରାଂଚ ଟିମ୍ ଏବେ ବେଙ୍ଗାଲୁରୁ ଯାଇଛନ୍ତି।

## ଜାତୀୟ ମିଡ଼ିଆ ମହାକୁମ୍ଭ ଉଦ୍‌ଯାପିତ

ଭୁବନେଶ୍ୱର ,୨୪।୧୧(ପି.ଏନ): ଗଣମାଧ୍ୟମ ହେଉଛି ଧ୍ୟାନ ବା ସାଧନା ସଦୃଶ। ତଥ୍ୟ ପାଇବା ପାଇଁ ଅନ୍ତହୀନ ଭାବରେ ବୌଦ୍ଧିକ ଅନୁସଂଧାନ, ଉଦ୍‌ଭାବନ ଏବଂ ଧ୍ୟାନର ପରିଣାମ ହେଉଛି 'ଡିଜିଟାଲ ଟେକ୍ନୋଲୋଜି'ର ଆବିଷ୍କାର। ବାଲ୍ମିକୀ ଓ ବ୍ୟାସ ଦେବଙ୍କ ଭଳି ମହାପୁରୁଷମାନଙ୍କର ରଚିତ ରାମାୟଣ ଓ ମହାଭାରତ ଆଦି ଗ୍ରନ୍ଥରେ ପଶୁ, ପକ୍ଷୀ, ଗଛ ଓ ପଥର ଇତ୍ୟାଦିଙ୍କ ମନର କଥାକୁ ଆଧ୍ୟାତ୍ମିକ ବଳରେ ଜାଣିପାରିବା କଥା ହେଉଛି ବର୍ତମାନର ଡିଜିଟାଲ ଟେକ୍ନୋଲୋଜି ସଦୃଶ। ମାତ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ୍ (ଏ.ଆଇ.) ତଥା କୃତ୍ରିମ ବୌଦ୍ଧିକତା କେବେବି ମାନବୀୟ ବୌଦ୍ଧିକତାର ବିକଳ୍ପ ନୁହେଁ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଥିଲେ। ଅନଲାଇନ୍‌ରେ ଗତ ତିନିଦିନ ଧରି ଚାଲିଥିବା ମିଡ଼ିଆ ମହାକୁମ୍ଭର ପଂଚମ ସଂସ୍କରଣର ଆଜି ଉଦ୍‌ଯାପିତ ସମାରୋହରେ ଯୋଗଦେଇ ସେ ସମ୍ମିଳନୀର ଶୀର୍ଷକ ନ୍ତଗଣମାଧ୍ୟମ ଓ ଡିଜିଟାଲ ଟେକ୍ନୋଲୋଜିନ୍ତ ନିଜର ମତବ୍ୟକ୍ତକରି ଗଣମାଧ୍ୟମର ନୂତନ ସଂଜ୍ଞା ନିରୂପଣ କରିଥିଲେ। ମୁଖ୍ୟ ବ୍ୟକ୍ତା ତଥା ପ୍ରଖ୍ୟାତ ସାମ୍ବାଦିକ ଓ ପରୀର ସଂସ୍ଥାପକ ସଂପାଦକ ପି. ସାଇନାଥ ଯୋଗଦେଇ ବର୍ତ୍ତମାନ ଜାତୀୟ ସାମ୍ବାଦିକତାରେ ନୈତିକ ମୂଲ୍ୟବୋଧର ଅଭାବ ଉପରେ ନିଜର ମନ୍ତବ୍ୟ ରଖିଥିଲେ। ମିଡିଆ ଓ





ସାମ୍ବାଦିକତାର ଅର୍ଥ ଏକ ହୋଇଥିଲେ ମଧ୍ୟ ତାହା ଆଜି ଭିନ୍ନ ଅର୍ଥରେ ପରିଲକ୍ଷିତ ହେଉଅଛି। ମିଡିଆର ଅର୍ଥ ବେପାରରେ ପରିଣତ ହୋଇଥିବା ବେଳେ ସାମ୍ବାଦିକତାର ଅର୍ଥ ଆବେଗାତ୍ମକ ସେବା ବୋଲି ସେ କହିଥିଲେ। କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ ଜାତୀୟ ଗଣମାଧ୍ୟମ ପରିଚାଳିତ ହେଉଛି। ଫଳରେ ଲୋକଙ୍କ ପ୍ରକୃତ ସମସ୍ୟା ସେଥିରେ ସ୍ଥାନ ପାଇବାରେ ବଂଚିତ ହେଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ.ଜି.ଏମ୍. ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁଧିର ଗାଭାନେ, ତେଜପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସୁନିଲ କାନ୍ତ ବେହେରା, ମଣିପାଲ ଇନିଷ୍ଟିଚ୍ୟୁଟ୍ ଅଫ୍ କମ୍ୟୁନିକେଶନର ପ୍ରଫେସର ବି. ପି. ସଂଜୟ ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ଏବଂ ଡିଜିଟାଲ ଟେକ୍ନୋଲୋଜିର ଭୂମିକା ଉପରେ ବିଷଦ ଆଲୋଚନା କେରିଥିଲେ। ପଣ୍ଡିତ ଦିନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ଅମ୍ରିତା ଚକ୍ରବର୍ତୀ ଉଦ୍‌ଯାପନୀ ସଭାକୁ ପରିଚାଳନା କରିଥିଲେ।ଦିବସର ପ୍ରଥମ ଭାଗରେ ଷଷ୍ଠତମ ପ୍ଲେନାରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇଦରାବାଦ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ବିନୋଦ ପାବରାଲା, ଚିଟଗାଙ୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର ମହମଦ୍ ସହିଦ୍ ଉଲ୍ଲାହ, କାଠମାଣ୍ଡୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସୁଧାଂଶୁ ଦାହାଲ, ହାଇଦରାବାଦ୍ ବିଶ୍ୱବିଦ୍ୟାଳୟର ପ୍ରଫେସର କାଂଚନ କେ ମଲିକ ଏବଂ ରେଡିଓ ନମସ୍କାରର ମୁଖ୍ୟ ଏନ୍.ଏ. ସାହା ଅନସାରି ପ୍ରମୁଖ ଯୋଗଦେଇ ନ୍ତଗୋଷ୍ଠୀ ଗଣମାଧ୍ୟମ, ନାଗରିକ ସମାଜ ଓ ସାମାଜିକ ସଶକ୍ତିକରଣନ୍ତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ମିଡ଼ିଆ ମହାକୁମ୍ଭର ଦ୍ୱିତୀୟ ଦିବସରେ ନ୍ତଭାରତରେ ୧୦୦ ବର୍ଷର ଗଣମାଧ୍ୟମ ଶିକ୍ଷା: ଏହାର ଇତିହାସ ଓ ଭବିଷ୍ୟତ ମାର୍ଗନ୍ତ ଓ ନ୍ତକୁଶଳୀ, ପୁନଃକୁଶଳୀ ଓ ବୃତିଭିତିକ ଗଣମାଧ୍ୟମ ଦକ୍ଷତାନ୍ତ ଶୀର୍ଷକ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ସାମ୍ବାଦିକ ଯୋଗ ଦେଇ ଏହି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ପାଂଚଗୋଟି ସମାନ୍ତରାଳ ଅଧିବେଶନରେ ପ୍ରାୟ ୮୦ ଜଣ ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀ ସେମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ଅଧ୍ୟକ୍ଷ ଏବଂ ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଅତିଥିମାନଙ୍କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ, ଗଣମାଧ୍ୟମ ବିଭାଗର ମୁଖ୍ୟ ତଥା ସମ୍ମିଳନୀର ଆବାହକ ମନୋରଂଜନ ପଣ୍ଡା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଭିନ୍ନ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ବିଭାଗ ଯଥା ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଡଃ ଜ୍ଞାନରଂଜନ ମିଶ୍ର, ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଡଃ ଜୟନ୍ତ ସ୍ୱାଇଁ, ସେଂଚୁରିଅନ୍ ବିଶ୍ୱବିଦ୍ୟାଳୟର ଡଃ ଅମ୍ବିକା ଶଙ୍କର ମିଶ୍ର, କିଟ୍ ବିଶ୍ୱବିଦ୍ୟାଳୟର ଡଃ ଅନୁରାଗ ସାହୁ, ପ୍ରମୁଖ ଯୋଗଦେଇ ସମ୍ମିଳନିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ସମ୍ମିଳନୀଟି ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇ.ଏମ୍.ଏସ), ଉତ୍କଳ ବିଶ୍ୱବିଦ୍ୟାଳୟ ଓ ନୂଆଦିଲ୍ଲୀସ୍ଥିତ ମିଡିଆ ଏଣ୍ଡ ଏଣ୍ଟରଟେନମେଣ୍ଟ ସ୍କିଲ୍ କାଉନ୍‌ସିଲ (ଏମ୍.ଇ.ଏସ୍.ସି)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା।

## ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ବୋର୍ଡ କମିଟିର ବାର୍ଷିକ ବୈଠକ

ଭଦ୍ରକ,୨୪।୧୧(ପି.ଏନ): ଆଜି ଜିଲ୍ଲା ଯୋଜନା ବୋର୍ଡ଼ ଦ୍ୱାରା ଭଦ୍ରକ ଡି ଆର ଡି ଏ ରେ ଏକ ସମୀକ୍ଷା ବୈଠକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ଼.ବ୍ୟମୋକେଶ ରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ତ୍ରିଲୋଚନ ମାଝୀ ,ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମଲ୍ଲିକ, ଜିଲ୍ଲାପରିଷଦ ସଭାପତି ଦିଜ୍ବର ରାଉତ ଏବଂ ଜିଲ୍ଲାର ସମସ୍ତ ଅଧିକାରୀ ମାନେ ଯୋଗ ଦେଇଥିଲେ। ଆଜିର ବୈଠକରେ ମୋଟ ୧୯୮୦.୨୨ କୋଟି ଟଙ୍କାର ବ୍ୟୟ ଅଟକଳ ଗୃହିତ ହୋଇଛି। ଭଦ୍ରକ ଜିଲ୍ଲାରେ ବିଜୁଳିରୁ ବଞ୍ଚିତ ହୋଇଥିବା ସମସ୍ତ ଘର କୁ ବିଜୁଳି ସଂଯୋଗୀକରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା। ସମସ୍ତ ବ୍ଲକ ଅଧୀନରେ ଥିବା ମାଟି ରାସ୍ତାକୁ ଗଏଘଜରଏଝ ଦ୍ୱାରା କଂକ୍ରିଟ, ମେଟାଲ ,ମୋରମ ରେ ରୂପାନ୍ତରିତ କରିବାକୁ ନିଷ୍ପତ୍ତି। ଜିଲ୍ଲାର ସମସ୍ତ ସମବାୟ





ସମିତିରେ ନିଜସ୍ୱ ଗୋଦାମ ଘର ନିର୍ମାଣ କରାଯିବ। କୃଷି, ମତ୍ସ୍ୟ, ପଶୁସମ୍ପଦ, ବିଭାଗର ଅଧିକାରୀ ମାନେ ପ୍ରତି ପଞ୍ଚାୟତ ଗସ୍ତ କରି ସାଧାରଣ ଲୋକ ମାନଙ୍କୁ ନେଇ ବୈଠକ କରି କିପରି ସରକାରୀ ଯୋଜନାରେ ଅଧିକରୁ ଅଧିକ ଲୋକ ମାନେ ଯୋଡ଼ିହେବେ ଏବଂ ଯୋଜନାର ଲାଭ ନେଇ ପାରିବେ ସେଥିପାଇଁ କାର୍ଯ୍ୟ କରିବେ , ସ୍ୱାସ୍ଥ୍ୟ ବିଭାଗର ଜ଼ିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯଥାଶୀଘ୍ର ସେମାନଙ୍କ ନିକଟରେ ଥବା ୧୨ଗୋଟି ଭେଣ୍ଟିଲେଟର କୁ କାର୍ଯ୍ୟକ୍ଷମ କରିବେ ଏବଂ କୋଭିଡ ୧୯ ପାଇଁ ଭିତ୍ତିଭୂମିର ଆବଶ୍ୟକତା ଆକଳନ କରି ଯୋଜନା ପ୍ରସ୍ତୁତ କରି ତୁରନ୍ତ ପଦକ୍ଷେପ ନେବେ, ବନ୍ଦ ହୋଇ ରହିଥିବା ଟ୍ରମା କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବେ। ଗ୍ରାମୀଣ ଆବାସ ଯୋଜନା ରେ ଅନ୍ତର୍ଭୁକ୍ତ ହୋଇପାରି ନଥିବା ହିତାଧିକାରୀ ମାନଙ୍କୁ ତୁରନ୍ତ ଚିହ୍ନଟ କରି ତୁରନ୍ତ ସେମାନଙ୍କୁ ଘର ଯୋଗାଇ ଦେବାକୁ ମଧ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସାଇକ୍ଲୋନ ଅଞ୍ଚଳରେ ସମସ୍ତ ମାଟି ଘରକୁ ପକା ଘର କରାଯିବ। ଜିଲ୍ଲାର ସମସ୍ତ ଆର.ଡି ରାସ୍ତା କୁ ତୁରନ୍ତ ଯୁଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦଆଯାଇଛି। ଜିଲ୍ଲାରେ ଥିବା ଶିଳ୍ପ ଗୁଡ଼ିକର କିଭଳି ଉନ୍ନତି ହେବ ଏବଂ ଜ଼ିଲ୍ଲାରେ ଅଧିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇ ପାରିବ ସେଥି ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ହେଲା। ଭଦ୍ରକ ଜ଼ିଲ୍ଲାରେ ଆଗାମୀ ୨୦ ବର୍ଷ ପାଇଁ ଏକ ଭିଜନ ନେଇ କାମ କରିବାକୁ ଯୋଜନା ପ୍ରସ୍ତୁତ କରିବା ପାଇଁ ଜ଼ିଲ୍ଲାର ସମସ୍ତ ଅଧିକାରୀ ମାନଙ୍କୁ ଉପଦେଶ ଦିଆଗଲା

## ପଚାପାଣିର କେନାଲ ଭୁବନେଶ୍ୱରକୁ ଘେରିଛି : ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୨୪।୧୧(ପି.ଏନ): ବିକାଶର ଚିତ୍ର ବର୍ଷାଦିନର ଭୁବନେଶ୍ୱରରେ ଭୁବନେଶ୍ୱରବାସୀ ଉପଲବ୍ଧ କରିଛନ୍ତି। ଗତ ବର୍ଷାରେ ଭୁବନେଶ୍ୱରର ମୁକୁଳା ଡ୍ରେନ, ଡ୍ରେନରେ ପଡ଼ି ମୃତ୍ୟୁ, ମୁଖ୍ୟ ରାସ୍ତାରେ ବନ୍ୟା ପରିସ୍ଥିତିକୁ ନେଇ ୨୧ବର୍ଷର ନବୀନ ଶାସନରେ ଭୁବନେଶ୍ୱରର ବିକାଶ ଭୁବନେଶ୍ୱରବାସୀ ଦେଖିଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବାରଙ୍ଗରୁ ବାହାରିଥିବା କେନାଲ ରସୁଲଗଡ଼, ବରଗଡ଼ ଦେଇ କପିଳ ପ୍ରସାଦ ପରେ ଜଟଣୀରେ ମିଶିଛି। ସେହି କେନାଲର ଅବସ୍ଥା ଭୋଟପଡ଼ା ଠାରୁ ଅତି ଶୋଚନୀୟ ହୋଇପଡ଼ିଛି। ଏପରିକି ପଲାସୁଣି, ରସୁଲଗଡ଼, ଝାରପଡ଼ା ଦେଇ ସେହି କେନାଲ ଗତି କରିଛି। କିନ୍ତୁ ସେହି କେନାଲ ଏବେ ଡଷ୍ଟବିନ୍‌ରେ ପରିଣତ ହୋଇଛି। କେନାଲର ପୁନରୁଦ୍ଧାର କରାଯାଉନାହିଁ। କେନାଲ ପୋତିହୋଇ ଗଲାଣି। ଜବରଦଖଲ ମଧ୍ୟ ହୋଇଗଲାଣି। ଭୁବନେଶ୍ୱର ସହରର ବିକଳଚିତ୍ରର ଏହି କେନାଲ ହିଁ ଜ୍ୱଳନ୍ତ ଉଦାହରଣ। କେନାଲରୁ ଅସଂଖ୍ୟ ମଶା ସୃଷ୍ଟି ହେଉଥିବାରୁ ଉପରୋକ୍ତ ଅଂଚଳରେ ମ୍ୟାଲେରିଆ ଓ ଡେଙ୍ଗୁ ଦେଖାଦେଇଛି। କେନାଲରେ ଏବେ ଯେଉଁ ଜଳ ଅଛି ତାହା ମଣିଷ କିମ୍ବା ଜୀବଜନ୍ତୁଙ୍କର ବ୍ୟବହାରଯୋଗୀ ହୋଇନାହିଁ। ଜଳସେଚନ ବିଭାଗ ବିଭାଗ, ସ୍ଥାନୀୟ ବିଧାୟକ, ସାଂସଦ ଏ ଦିଗରେ ଆଖିବୁଜି ଦେଇଛନ୍ତି। ସରକାର ତୁରନ୍ତ ଏ କେନାଲକୁ ସଫାକରି ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ବିଚାରକୁ ନେଇ ଏହାକୁ ପ୍ରଦୁଷଣ ମୁକ୍ତ କରନ୍ତୁ ବୋଲି ଶ୍ରୀ ନୱାଜ କହିଛନ୍ତି। ଅନକେ ସମୟରେ ଏହି କେନାଲକୁ ସଫା କରିବାପାଇଁ ଯେଉଁ କାମ ହୋଇଥିଲା ତାହା ଉପର ଠାଉରିଆ। କାମରେ ବ୍ୟାପକ ଠକାମୀ ହୋଇଛି ବୋଲି ଅଭିଯୋଗ ହୋଇଛି। ଯଦି ସରକାର ତୁରନ୍ତ ଏ ଦିଗରେ କାର୍ଯ୍ୟକ୍ଷମ ଗ୍ରହଣ ନକରନ୍ତି ତେବେ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଶ୍ରୀ ନୱାଜ ସତର୍କ କରାଇଛନ୍ତି।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା

ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା।



ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ




ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# 'ତ୍ରିପୁରମାଳିନୀ' ଶକ୍ତିପୀଠ, ପଞ୍ଜାବ





'ତ୍ରିପୁରମାଳିନୀ' ମନ୍ଦିର ବା ଜଳନ୍ଧର ଶକ୍ତିପୀଠ ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ ଦେବୀ "ତାଲାବ" ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧର ଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ। ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ।

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ 'ତ୍ରିପୁରମାଳିନୀ ଶକ୍ତିପୀଠ' ବା ତାଲାବ ମନ୍ଦିର ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ




ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱୟଂ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

'ତ୍ରିପୁରମାଳିନୀ ଶକ୍ତିପୀଠ'ରେ ମାତା ସତୀଙ୍କର 'ବାମସ୍ତନ' ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'ତ୍ରିପୁରମାଳିନୀ' ରୂପରେ ପୂଜା କରାଯାଉ ଥିବାବେଳେ ଭଗବାନ ଶିବ 'ଭୈରବ'(ଯିଏ ଭଗବାନ ଶିବଙ୍କର ଅନ୍ୟ ଏକ ରୂପ)ଙ୍କୁ "ଭୀଷଣ" ରୂପରେ ପୂଜା କରା ଯାଇଥାଏଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି








ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**କେମିତି ଯିବେ:-**(୧) ନିକଟସ୍ଥ ରେଳ ଷ୍ଟେସନ ଠାରୁ ମାତ୍ର ୨.୫ କିମି ଦୂରରେ 'ତ୍ରିପୁରମାଳିନୀ ଶକ୍ତିପୀଠ' ଅବସ୍ଥିତ। (୨)ନିକଟସ୍ଥ ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନ ବନ୍ଦର ଠାରୁ ମାତ୍ର ୧୮୩ କିମି ଦୂରରେ 'ତ୍ରିପୁରମାଳିନୀ ଶକ୍ତିପୀଠ' ଅବସ୍ଥିତ। ପ୍ରତିଦିନ ସକାଳ ୬ଟାରୁ ମନ୍ଦିର ଖୋଲାଯାଏ ଓ ରାତି ୯ଟାରେ ବନ୍ଦ ହୁଏ।

**ଶରତ କୁମାର ରାଉତ,** ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

# ଖାଲ୍‌ସା ପନ୍ଥରେ ପୁରୀର ସନ୍ଥ



ଶିଖ ଧର୍ମର ଖାଲସା ପନ୍ଥ ବା ପଞ୍ଚ ପ୍ୟାରେଙ୍କୁ ନେଇ ଅନେକ ସମୟରେ ନାନା ପ୍ରକାରର ଭୁଲ ବିଷୟ ପ୍ରଚାରିତ ହେଉଛି। ସେମାନଙ୍କ ପରିଚୟ ଓ କାର୍ଯ୍ୟ ବିଷୟରେ ଭୁଲ ତଥ୍ୟ ପ୍ରଦାନ କରାଯାଉଛି। ଅସତ୍ୟ ଆଧାରିତ କାହାଣୀମାନ କୁହାଯାଉଛି। ଏସବୁ ଏବେ ଇଣ୍ଟରନେଟ୍ ଯୁଗରେ ବହୁସଂଖ୍ୟାରେ ରହିଛି। ଦେଶ ଓ ଧର୍ମର ରକ୍ଷାପାଇଁ ଗୁରୁଗୋବିନ୍ଦ ସିଂହ ୧୬୯୯ରେ ଆନନ୍ଦପୁର ସାହିବଠାରେ ବୈଶାଖୀପାଳନ ବେଳେ ଯେଉଁ ଆତ୍ମବଳୀ ପାଇଁ ଆହ୍ୱାନ ଦେଇଥିଲେ ସେହି ଆହ୍ୱାନକୁ ଗ୍ରହଣକରି ଯେଉଁ ପାଞ୍ଚଜଣ ସାହସୀ ଯୁବକ ଆଗେଇ ଆସିଥିଲେ ସେମାନଙ୍କୁ ପରବର୍ତ୍ତୀ ସମୟରେ ପଞ୍ଚବୀର ସନ୍ଥ ବା ପଞ୍ଚପ୍ୟାରେ କୁହାଗଲା। ସେହି ପାଞ୍ଚଜଣଙ୍କ ଉଦ୍ୟମରେ ଯେଉଁ ଲଢୁଆ ବାହିନୀ ମୁଣ୍ଡଟେକିଲା ତାକୁ ଖାଲସା ପନ୍ଥ କୁହାଗଲା। ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଏହି ପଞ୍ଚପ୍ୟାରେ ନିଜକୁ ଆନନ୍ଦପୁରଠାରେ ହିଁ ଧର୍ମରକ୍ଷା ପାଇଁ ସମର୍ପିତ କରିଥିଲେ। ଗୋବିନ୍ଦ ସିଂହଙ୍କ ଆହ୍ୱାନକୁ ଗ୍ରହଣ କରିଥିବା ପଞ୍ଚପ୍ୟାରେ ଯେ ସମସ୍ତେ ପଞ୍ଜାବର ଥିଲେ ତା ନୁହେଁ, ସେମାନେ ଥିଲେ ଭାରତର ଭିନ୍ନ ଭିନ୍ନ ରାଜ୍ୟର ଲୋକ। ସେମାନଙ୍କ ମଧ୍ୟରୁ ଭାଇ ହିମ୍ମତ ସିଂହ ଓରଫ ହିମ୍ମତ ରାୟ ଥିଲେ ଓଡିଶାର ପୁରୀ ସହରର ବାସିନ୍ଦା। ତାଙ୍କ ପାରିବାରିକ ବୃତ୍ତି ଥିଲା ପାଣି ବୋହିବା। ଏମାନଙ୍କୁ ଧର୍ମରକ୍ଷା ମନ୍ତ୍ର ପ୍ରଦାନପୂର୍ବକ ଦୁଇପଟଧାର ଥିବା ଖଣ୍ଡା ହସ୍ତାନ୍ତରିତ କରାଯାଇଥିଲା। ଗେରୁଆ ବସ୍ତ୍ର ସହ ମୁଣ୍ଡରେ ଆକାଶୀରଙ୍ଗର ପଗଡି ମଧ ପିନ୍ଧିବାକୁ କୁହାଯାଇଥିଲା। କହିବାକୁ ଗଲେ ଗ୍ରାମରେ ଯେପରି ପଞ୍ଚପୁରୁଷ ବା ପଞ୍ଚମୁଖିଆଙ୍କୁ ସମସ୍ୟା ସମାଧାନର ଦାୟିତ୍ୱ ଦେବାର ବ୍ୟବସ୍ଥା ଆଜିଯାଏ ରହିଛି, ଠିକ୍ ସେହିପରି ଏହି ପଞ୍ଚ ପ୍ୟାରେଙ୍କୁ ଗୁରୁ ଧର୍ମରକ୍ଷାର ଦାୟିତ୍ୱ ଦେଇଥିଲେ। ଏହି ପଞ୍ଚପ୍ୟାରେ ଗୁରୁ ଅର୍ଜୁନ ସିଂହଙ୍କ ଶେଷ ଲାହୋର ଯାତ୍ରା ବେଳେ ସାଙ୍ଗରେ ଥିଲେ। ପ୍ରତ୍ୟେକଙ୍କୁ ୧୦୦ଜଣ ଲେଖାଏଁ ଅସ୍ତ୍ରଧାରୀ ଶିଖବାହିନୀ ଦିଆଯାଇଥିଲା। ଗୁରୁ ହରଗୋବିନ୍ଦ ଏହି ବ୍ୟବସ୍ଥା କରିଥିଲେ।

ଗୁରୁନାନକ ଦେବ କେବଳ ଭାରତରେ ନୁହେଁ ଶିଖ ଧର୍ମର ପ୍ରାଣ ପ୍ରତିଷ୍ଠା ପାଇଁ ପୃଥିବୀର ଭିନ୍ନ ଭିନ୍ନ ଦେଶରେ




ଅଲଗା ନାମରେ ପରିଚିତ ହୋଇଛନ୍ତି। ଯେମିତି ଗୁରୁନାନକ ଦେବ ଶ୍ରୀଲଙ୍କାରେ ନାନକାଚାର୍ଯ୍ୟ, ତିବ୍ବତରେ ନାନକ ଲାମା, ନେପାଳରେ ନାନକରଷି, ବାଗଦାଦରେ ନାନକପିର, ମକ୍‌କାରେ ବଳିହିନ୍ଦ୍, ମିଶରରେ ନାନକବଳୀ, ଋଷିଆରେ ନାନକ କଦମ୍ବର, ଇରାକରେ ବାବା ନାନକ, ମଜାହର ସରିଫରେ ପୀର ବାଲାଗଦାନ, ଚୀନରେ ବାବା ଫୁସା ନାମରେ ପରିଚିତ। ଗୁରୁ ନାନକ ପଦବ୍ରଜରେ ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର, ଦିଲ୍ଲୀ, ଗୁଜୁରାଟ, ହରିୟାଣା, ଜାମ୍ମୁ କାଶ୍ମୀର, ପଞ୍ଜାବ, ସିକିମ୍ ପାକିସ୍ଥାନ, ବଙ୍ଗଳାଦେଶ, ଆଫଗାନିସ୍ଥାନ, ଇରାକ, ନେପାଳ, ଇରାକ ଓ ଶ୍ରୀଲଙ୍କା ଚୀନକୁ ୨୮ହଜାର କିଲୋମିଟର ୨୪ବର୍ଷ ମଧ୍ୟରେ ଯାତ୍ରା କରିଥିଲେ। ଗୁରୁ ନାନକଦେବଙ୍କ ପ୍ରତିଷ୍ଠିତ ଧାର୍ମିକ କାର୍ଯ୍ୟର ସୁରକ୍ଷା ପାଇଁ ହିନ୍ଦୁସମାଜରୁ ଭିନ୍ନ ଭିନ୍ନ ଜାତିର ଲୋକଙ୍କୁ ସାମିଲ କରି ବିଦେଶୀଙ୍କ ସହ ଲଢିବା ପାଇଁ ଯେଉଁ ଯୋଦ୍ଧାମନ୍ତ୍ର ପ୍ରଦାନ କରାଯାଇଥିଲା ସେଥିରେ ଧରମ ସିଂହ ଦଲାଲ (ଜାଠ ଚଷୀ), ଦୟାରାମ (କ୍ଷତ୍ରୀୟ ଯବାନ), ମୋହକାମ ଚନ୍ଦ (ଧୋବା), ହିମ୍ମତ ରାୟ (ଜଳବାହକ), ସାହିବ ଚନ୍ଦ (ବାରିକ) ଜାତିର ଥିଲେ। ଏମାନେ ଅମୃତ ବା ପରମଶପଥ ଗ୍ରହଣପରେ ନିଜର ମୂଳ ଜାତି ଓ ସାଙ୍ଗିକୁ ଛାଡି ସିଂହ ପରିଚୟକୁ ଗ୍ରହଣ କରିଥିଲେ। ଏପରିକି ଗୁରୁ ଗୋବିନ୍ଦ ସିଂହ ଅମୃତ ଗ୍ରହଣ କରିବା ପୂର୍ବରୁ ଗୋବିନ୍ଦ ରାୟ ନାମରେ ପରିଚିତ ଥିଲେ। ତେଣୁ ଖାଲସା ପନ୍ଥ ହିନ୍ଦୁ ସମାଜରୁ ସୃଷ୍ଟି ହୋଇଥିଲା, ଯେଉଁମାନେ ଗୁରୁ ଗୋବିନ୍ଦସିଂହଙ୍କୁ ନିଜ ଗୁରୁଭାବେ ଗ୍ରହଣକରି ନିଜକୁ ସମର୍ପିତ କରିଥିଲେ। ଏମାନେ ଦୟା, ଧର୍ମ, ସାହସ, ଦୃଢ ଇଚ୍ଛାଶକ୍ତି ଓ ଈଶ୍ୱରଙ୍କ ସହ ଏକାତ୍ମର ପ୍ରତୀକ ଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଓଡିଶାର ପୁରୀରୁ ଥିଲେ। ଏଥିରୁ ଖାଲସାପନ୍ଥ ଗଠନରେ ଓଡିଶାର ଲୋକଙ୍କ ଭୂମିକା ରହିଥିବା ସ୍ୱଷ୍ଟ ଜଣାପଡେ। କିନ୍ତୁ ଖାଲସାପନ୍ଥର ଏହି ଓଡିଆ ସନ୍ଥଙ୍କ ସଂପର୍କରେ ଓଡିଶାରେ ଆଲୋଚନା ଖୁବ୍ କମ୍ ହୋଇଥାଏ। ଭାଇ ହିମ୍ମତ ସିଂହଙ୍କ ଜନ୍ମ ୧୮ ଜାନୁଆରୀ ୧୬୬୧ରେ ପୁରୀ ଠାରେ ହୋଇଥିଲା। ମାତ୍ର ୧୭ବର୍ଷ ବୟସରେ ସେ ଗୁରୁ ଗୋବିନ୍ଦସିଂହଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ। ତାଙ୍କ ପିତାଙ୍କ ନାମ ଗୁଲଜାରି ଏବଂ ମାତାଙ୍କ ନାମ ଧନୁ ଥିବାର ଜଣାଯାଏ। ମୋଗଲଙ୍କ ସହ ଚମକାଉରଠାରେ ସଂଘର୍ଷ ବେଳେ ମାତ୍ର ୪୪ ବର୍ଷ ବୟସରେ ୭ ଡିସେମ୍ବର ୧୭୦୫ରେ ସନ୍ଥ ହିମ୍ମତ ସିଂହଙ୍କ ଦେହାବସାନ ଘଟିଥିଲା। ତାଙ୍କ ସହ ଭାଇ ସାହିବସିଂହ ଏବଂ ଭାଇ ମୋହକାମସିଂହଙ୍କ ମଧ ଦେହାବସାନ ଘଟିଥିଲା। ଭାଇ ହିମ୍ମତ ସିଂହଙ୍କ ନାମରେ ଏବେ ଜଳନ୍ଧରର ଏକ ଅଞ୍ଚଳ ନାମିତ ହୋଇଛି। ପୁରୀସ୍ଥିତ ବଳିଆପଣ୍ଡା ହାଉସିଂ ବୋର୍ଡ କଲୋନୀର ପାର୍କଟିକୁ ଭାଇ ହିମ୍ମତ ମେମୋରିଆଲ ପାର୍କଭାବେ ନାମିତ କରାଯାଇଛି। ଏହାକୁ ପୁରୀସ୍ଥିତ ଗୁରୁଦ୍ୱାରା ହିଁ ରକ୍ଷଣାବେକ୍ଷଣ କରୁଛି। ପଞ୍ଜାବରେ ମୋଗାର ନିଉଟାଉନଠାରେ ଗୁରୁଦ୍ୱାରା ଭାଇ ହିମ୍ମତ ସିଂହ ରହିଛି। ଲୁଧିଆନାରେ ହିମ୍ମତ ସିଂହ ନଗର ରହିଛି।

ଏହି ପଞ୍ଚ ପ୍ୟାରେଙ୍କୁ ଖାଲସା ବାଣୀ "ୱାହେ ଗୁରୁଜୀ କା ଖାଲସା, ୱାହେ ଗୁରୁଜୀ କୀ ଫତେହ" ଗୁରୁ ଗୋବିନ୍ଦ ସିଂହ ଶୁଣାଇଥିଲେ। ତାଙ୍କ ଅନୁଗାମୀମାନଙ୍କୁ ଲଢୁଆ ବା ସିଂହ ଭାବେ ପ୍ରଦର୍ଶନ କରି ନାମ ଶେଷରେ ସିଂହ ଲେଖିବାକୁ କହିଥିଲେ। ଖାଲସା ପନ୍ଥ ଅକଟା କେଶ, କାଠର ପାନିଆ (କଙ୍ଗା), ଲୁହାର କଡା, ଆଣ୍ଠୁ ପର୍ଯ୍ୟନ୍ତ ପୋଷାକ (କଚ୍ଛେରା) ଓ ଖଣ୍ଡା ଦ୍ୱାରା ପରିଚିତ। ଏହି ପାଞ୍ଚଗୋଟି 'କ' ଦ୍ୱାରା ଖାଲସାର ସ୍ୱାତନ୍ତ୍ୟ ବାରି ହୋଇଥାଏ। ଏଥିରେ ଈଶ୍ୱରଙ୍କୁ ଗ୍ରହଣ କରିବା, ସ୍ୱଚ୍ଛତା, ଧୈର୍ଯ୍ୟ ସହ ସମାଜର ଦୁର୍ବଳ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟ ରହିଛି। ତେଣୁ ୧୩ ଏପ୍ରିଲକୁ ଖାଲସାର ଜନ୍ମ ବା ଖାଲ୍‌ସା ସର୍ଜନା ଦିବସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ। ନାନକସାହି ଶିଖ ପଞ୍ଜିକାର ଦ୍ୱିତୀୟ ମାସକୁ ବୈଶାଖ କୁହାଯାଇଥାଏ। ବୈଶାଖୀ ଉତ୍ସବରେ କୃଷକମାନେ ଭବିଷ୍ୟତର ଉନ୍ନତି ଏବଂ ଉତ୍ତମ ଫସଲ ଅମଳ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାନ୍ତି। ଭାଇ ହିମ୍ମତ ସିଂହ (ରାୟ) ଜଣେ ଓଡିଆ ଲୋକ ହୋଇଥିଲେ ହେଁ ତାଙ୍କ ସଂପର୍କରେ ଓଡିଶାର ଇତିହାସ ଏବଂ ପାଠ୍ୟପୁସ୍ତକରେ କିଛି ଉଲ୍ଲେଖଥିବାର ଦେଖିବାକୁ ମିଳେନାହିଁ। ରାଜ୍ୟର ସାଧାରଣ ଜନତା, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନେ ଓଡିଶାର ଏହି ଯୋଦ୍ଧା ପୁରୁଷଙ୍କ ପାଇଁ ଯେପରି ଗୌରବାନ୍ୱିତ ମନେକରିବେ ସେଥିପାଇଁ ଇତିହାସର ଏହି ସବୁ ଅଧ୍ୟାୟକୁ ରାଜ୍ୟର ଇତିହାସ ପାଠ୍ୟପୁସ୍ତକରେ ସ୍ଥାନ ଦେବା ପାଇଁ ସରକାର ପ୍ରୟାସ କରିବା ଦରକାର।

**ସୌମେନ୍ଦ୍ର ଜେନା,** ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

# ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତଜୀଙ୍କ ପ୍ରତି ଜିଲ୍ଲା କଂଗ୍ରେସର ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳି ଜ୍ଞାପନ

ରାଉରକେଲା (ପିଏନ୍): ନବଭାରତର ନିର୍ମାତା ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ନେହେରୁଙ୍କ ୧୩୨ତମ ଜନ୍ମବାର୍ଷିକୀ ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋଏଲନଗର ଡି ବ୍ଲକ୍ ଠାରେ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ପୂର୍ବତନ ସଭାପତି ତଥା ରାଉରକେଲା ବିଧାନସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ସମବେତ ହୋଇ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଂକ୍ଷିପ୍ତ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ନେତୃବୃନ୍ଦ ପଣ୍ଡିତଜୀଙ୍କର ରାଉରକେଲା ସହର ସୃଷ୍ଟିରେ ତାଙ୍କ ଅବଦାନ ସମ୍ପର୍କରେ ସ୍ମରଣ କରିଥିଲେ। ଦେଶର ପ୍ରଥମ ସମନ୍ୱିତ ଇସ୍ପାତ କାରଖାନା ପଣ୍ଡିତ ନେହେରୁ ରାଉରକେଲାରେ ପ୍ରତିଷ୍ଠା ନ କରିଥିଲେ ଆଜିମଧ ରାଉରକେଲା ଗୋଟିଏ ଗାଁ ହୋଇ ରହିଥା'। ବୋଲି ନେତୃବୃନ୍ଦ ମତ ପ୍ରକାଶ କରି ତାଙ୍କ ଦ୍ୱାରା ସୃଷ୍ଟି ଦେଶର ମହତ୍ୱପୂର୍ଣ୍ଣ ଅନୁଷ୍ଠାନ ଯଥା ଆଇଆଇଟି, ଆଇଆଇଏମ୍, ଏମ୍ସ, ଭେଲ୍, ସେଲ୍, ଡିଆରଡିଓ ଇତ୍ୟାଦି ଦେଶର ସମୃଦ୍ଧି ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠାକୁ ସୁନିଶ୍ଚିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ତେବେ ଆଜି ସ୍ୱାଧୀନତା ପ୍ରାପ୍ତିର ୭୫ତମ ବର୍ଷ ଅବସରରେ ଭାରତୀୟ ଐତିହାସିକ ଗବେଷଣା କେନ୍ଦ୍ର ତରଫରୁ ଜାରି କରାଯାଇଥିବା ପ୍ରଥମ ପୋଷ୍ଟରରେ ଗାନ୍ଧୀଜୀଙ୍କ ସମେତ ଦେଶର ୮ ଜଣ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀଙ୍କ ଛପା ଯାଇଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ ଅଦମନୀୟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନେହେରୁଙ୍କୁ ସେଥିରେ ସ୍ଥାନ ଦିଆଯାଇ ନାହିଁ। ଏହା ମୋଦି ସରକାର ହୀନମନ୍ୟତା ବ୍ୟତୀତ ଅନ୍ୟ କ'ଣ ହୋଇପାରେ ବୋଲି କଂଗ୍ରେସ ତରଫରୁ ଏହି ଅବସରରେ ପ୍ରଶ୍ନ କରାଯାଇଛି। ପଣ୍ଡିତ ନେହେରୁଙ୍କୁ ଜନମାନସରେ ନିଚା ଦେଖାଇ ନିଜେ ଉଚ୍ଚ ହେବା ପାଇଁ ସମ୍ପ୍ରତି ମୋଦି ସରକାର ତରଫରୁ ଯେଉଁ ପ୍ରୟାସ କରାଯାଉଛି ତାହା ଆଦୌ ଫଳବତୀ ହେବନାହିଁ ବୋଲି ଜିଲ୍ଲା କଂଗ୍ରେସ ତରଫରୁ ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥପାଲ୍ଲୀ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଜିଲ୍ଲା ଉପସଭାପତି ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ବରିଷ୍ଠ କଂଗ୍ରେସ ନେତା ଇନ୍ଦ୍ରମୋହନ ପଣ୍ଡା, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, କୃଷକ କଂଗ୍ରେସ ଅଧ୍ୟକ୍ଷ ଚକ୍ରଧର ମାହାତୋ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ବ୍ଲକ୍ କଂଗ୍ରେସ ସଭାପତି ରଘୁନାଥ ଦାସ ଓ ପ୍ରତାପ ବେହେରା, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ଜିଲ୍ଲା କଂଗ୍ରେସ ସମ୍ପାଦିକା ବିଜୟଲକ୍ଷ୍ମୀ ପ୍ରଧାନ, ରୁକସାନା ବେଗମ, ଦିଲ୍ଲୀପ ଜେନା, ରେହେମାନ ଖାନ, ସୁବଳ ବାସୁରୀ, ଶୁକଦେବ ବଡାଇକ, ସରିତା ଟପ୍ପୋ, ଭାସ୍କର ଖିଲ୍ଲାର, ବିଜୟ କୁମାର ବେହେରା, ବିରେନ୍ଦ୍ର ଟେଟେ, ଅଭିଷେକ ଅଗ୍ରୱାଲ, ସୁବାସିନି କୁଆ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଳି ଅର୍ପଣ କରିଥିବା ବେଳେ ପ୍ରତାପ ବେହେରା ସମସ୍ତଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଅସହାୟ ଛାତ୍ରୀଙ୍କୁ ପାଠ ପଢିବା ପାଇଁ ଜିଲ୍ଲାପାଳ ସହାୟତା ପ୍ରଦାନ କଲେ



କେନ୍ଦୁଝର (ପିଏନ୍): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଶଙ୍କିରୀ ଗ୍ରାମ ପଂଚାୟତର ପୋଟଳ ଗ୍ରାମର ବାପା ମା' ଛେଉଣ୍ଡ ଅସହାୟ ଛାତ୍ରୀ କୁମାରୀ କଳ୍ପନା ମୁଣ୍ଡାଙ୍କ ପାଠପଢାରେ ସୁବିଧା ପାଇଁ ଜିଲ୍ଲାପାଳ ଆଶିଷ ଠାକରେ ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ବାପା ମାଆ ଛେଉଣ୍ଡ କଳ୍ପନା ଅସହାୟ ହୋଇ ବଂଚିବାର ରାହା ଖୋଜିବା ସହିତ ଉଚ୍ଚ ଶିକ୍ଷା ପାଇଁ ଦୃଢ ଇଚ୍ଛାଶକ୍ତି ଥିବାରୁ କଳ୍ପନା ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମପୁରରେ +୨ ପ୍ରଥମ ବର୍ଷ କଳା ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଆର୍ଥିକ ଅନାଟନ ସହିତ ବହୁତ ହଇରାଣ ହରକତରେ ସେ ନୀତି ପଦ୍ମପୁର ଚାଲି ଚାଲି ପଦ୍ମପୁରକୁ ଯିବା ଆସିବା କରୁଥିବା ପ୍ରସଙ୍ଗ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆସିବା ପରେ କଳ୍ପନାଙ୍କ ପାଠପଢାରେ ସୁବିଧା ନିମନ୍ତେ ରେଡକ୍ରସ ସୌଜନ୍ୟରେ ତୁର' ଏକ ସାଇକେଲ, ପାଠ୍ୟ ପୁସ୍ତକ, ପାଠ୍ୟ ଉପକରଣ ପ୍ରଦାନ କରିବା ସହିତ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। +୨ ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ କଳ୍ପନାଙ୍କ ପାଠ ପଢିବା ନିମନ୍ତେ ଆବଶ୍ୟକୀୟ ଖର୍ଚ୍ଚ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିବା ସହିତ କଳ୍ପନାଙ୍କ ଉତ୍ତୋରତ୍ତର କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ସୁଚିସ୍ମିତା ଦାସ, ଜିଲ୍ଲା ରେଡକ୍ରସ ଶାଖାର ଯୁଗ୍ମ ସମ୍ପାଦକ ଏ.ଆର.ଖାନ. ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ସଂଜୀବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟର ବାର୍ଷିକୋତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଶିଶୁ ଉଦ୍ୟାନ ନିକଟରେ ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟର ଦ୍ୱାଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମେଧାବୀ ଛାତ୍ର ସ୍ୱର୍ଗତ ଅଂଶୁମାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଅଂଶୁମାନଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଗଠିତ ଏହି ଟ୍ରଷ୍ଟ୍ ଦୀର୍ଘ ୧୨ବର୍ଷ ହେଲା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ ରହିଛି। ଦୁର୍ବିପାକ ସମୟରେ ଅସହାୟ ଓ ଅବହେଳିତ ଲୋକମାନଙ୍କ ପାଖରେ ଠିଆହୋଇଛି। ଅଂଶୁମାନ ଜଣେ ଶାନ୍ତ, ସରଳ ଓ ମେଧାବୀ ଛାତ୍ର ଥିଲେ ବୋଲି ଶ୍ରୀ ବଳବନ୍ତରାୟ କହିଥିଲେ। ଯାଜପୁରର ପୂର୍ବତନ ସିଡିଏମ୍‌ଓ ଡ. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳା କଲେଜ୍‌ର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଲେ, ଦାନ ଦେଇ ମନେରଖିବେ ନାହିଁ। ଯେଉଁମାନେ ଗ୍ରହଣ କରିବେ, ଏହାକୁ ଭୁଲିବେ ନାହିଁ। ନିଜେ କେତେ ଖୁସିରେ ରହିଲେ ତାହା ବଡ କଥା ନୁହେଁ। ଆପଣଙ୍କ ପାଇଁ ଅନ୍ୟମାନେ କେତେ ଖୁସି ହୋଇଛନ୍ତି, ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟର ସଂପାଦକ ହିମାଂଶୁ ଶେଖର ସାହୁ ଯୋଗଦେଇ ଆମ ଓଡିଶାର ଐତିହ୍ୟ ଫଳକକୁ ଉନ୍ମୋଚନ କରିଥିଲେ। କ୍ରୀଡାବିତ୍ ଦେବରାଜ ମିଶ୍ର ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଧନେଶ୍ୱର ସାହୁ, ପ୍ରମୋଦ ମଲ୍ଲିକ, ସୁଧୀର ରାଉତ, ମହେନ୍ଦ୍ର ସାମଲ, ତପନ ନାୟକ, ଖବରକାଗଜ ବିତରକ ବସନ୍ତ ବାରିକ, ବିଦ୍ୟୁତ୍ କର୍ମଚାରୀ ମଦନ ମହାନ୍ତି, ଡାକ୍ତରଖାନା କର୍ମଚାରୀ ଅଜୟ ବେଜ୍, ଗଦାଧର ପାତ୍ର, ବ୍ରଜ ବେହେରା, ନୟନା ବେହେରା, ସନ୍ତୋଷ କୁମାର ସେଠୀ, ବିରଜା ପ୍ରସାଦ ଜେନାଙ୍କ ସମେତ ଧର୍ମଶାଳା ଓ ରସୁଲପୁର ବ୍ଲକରେ କାର୍ଯ୍ୟରତ ଆମ୍ବୁଲାନ୍‌ସ କର୍ମଚାରୀ, ସାମାଜିକ ଅନୁଷ୍ଠାନ କଟକର ଭାରତୀ ଫାଉଣ୍ଡେସନ, କୁଆଖିଆର କଳିଙ୍ଗ ଯୁବକ ସଂଘ, ରସୁଲପୁରର ହେଲପିଙ୍ଗ୍ ହ୍ୟାଣ୍ଡ, ଜାରକାର ଅସହାୟର ବନ୍ଧୁ ଏବଂ ଓଡିଶା ଜୟ ଜଗନ୍ନାଥ ଗ୍ରୁପ୍‌କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଟ୍ରଷ୍ଟ୍ ପକ୍ଷରୁ ୨୦ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ହୁଇଲ୍ ଚେୟାର୍ ପ୍ରଦାନ କରା ଯାଇଥିଲା। ଯୁବନେତା ସବ୍ୟସାଚୀ ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ। ଟ୍ରଷ୍ଟର୍ କାର୍ଯ୍ୟନିର୍ବାହୀ ସୀତାଂଶୁ ଶେଖର ସାହୁ ଓ ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ନଭେମ୍ବର ୨୫

# ମଦମୁକ୍ତ ନିର୍ବାଚନ !

ସକାଳୁ ସକାଳୁ ଦଣ୍ଡଧାରୀବାବୁ ହାଇଟେକ ବାବାଙ୍କୁ ସାକ୍ଷାତ ପାଇଁ ଆସି ପହ-ଞ୍ଚିଗଲେ । ବାବା ଜାଣିଲେ କ'ଣ ଗୋଟାଏ ଜବର ଖବର ଅଛି । ସେ ଖବରଟା ବାନ୍ତି ନ କଲାଯାକେ ବାବୁ ଆଉ ଥୟ ଧରିବେନି । ଜୁହାରଟି ଫିଙ୍ଗିଦେଇ ଦଣ୍ଡଧାରୀବାବୁ କହିଲେ, "ଆଜ୍ଞା ଜାଣିଲେଣି ନା, ସତ୍ୟ ଯୁଗ ଆସିଗଲା, ଗାନ୍ଧି କଳ୍ପନା କରିଥିବା ରାମରାଜ୍ୟ ଆସିବାର ସମ୍ଭାବନା ଉଜ୍ଜ୍ୱଳ ହୋଇଗଲା । ଏଣିକି ନିର୍ବାଚନ ବେଳେ ମଦ ମିଳିବ ନାହିଁ । ସରକାର ଅଧ୍ୟାଦେଶ ଆଣିଲେଣି । ମଦ ତ' ସକଳ ହିଂସାର ଆଧାର । ଏଥରକ ନିର୍ବାଚନ ବେଶ ଶାନ୍ତିପୂର୍ଣ୍ଣ ହେବ; ଲୋକମାନେ ଆଶ୍ୱସ୍ତି ହେବେ । ତା' ସହିତ ପୁଣି ଗୁଣ୍ଡା ନିରୋଧ ଆଇନ ।



ଆମ ଦେଶ ମହାନ ବୋଲି, ଛାତିରେ ହାତ ବାଡେଇ ଆମେ ଏଣିକି କହିପାରିବା ।" ହାଇଟେକ ବାବା ମନଦେଇ କଥା ଶୁଣିଲେ । କିଛି ସମୟ କ'ଣ ଭାବିଲେ । କୋଉ ପୁରୁଣା କଥା ବୋଧେ ମନ ପକାଉଥିଲେ । କହିଲେ, "ଏସବୁ ଭାନୁମତି ପେଡି କୁହୁକ । ପ୍ରତି ନିର୍ବାଚନ ପୂର୍ବରୁ ରାଜନିତିଆ ଏମିତି ଭେଲିକି ଦେଖାନ୍ତି । ପୁରା ନିରାମିଷାଶି ବୈଷ୍ଣବ ବୋଲି ଘୋଷଣା କରନ୍ତି । ଏ ବିଷୟରେ ଗୋଟେ ପୁରୁଣା କଥା କହିବି । ନୂଆ ସ୍ୱାଧୀନତା ଆସିଥାଏ । ଗାଁଗାଁରେ ଗାନ୍ଧି ଟୋପି ପିନ୍ଧି କର୍ମୀମାନେ ତଥାପି ଗାନ୍ଧୀ ବାଣୀ ପ୍ରଚାର କରୁଥାଆନ୍ତି । ଅବଶ୍ୟ ଗାନ୍ଧୀଙ୍କ ଦେହାନ୍ତ ହୋଇଯାଇଥାଏ । କୋରାପୁଟ ଜିଲ୍ଲାରେ ଗାନ୍ଧୀ ନୀତି ବେଶ୍ ସୁଦୃଢ ଥାଏ । ଆସିଲା ନିର୍ବାଚନ । ଗାଁ ଗାଁରେ ପ୍ରଚାର ଚାଲିଲା । କଂଗ୍ରେସକୁ ରାଜାରାଜୁଡାଙ୍କ ଗଣତନ୍ତ୍ର ପରିଷଦ ଦଳ ଟାଣୁଆ ଆହ୍ୱାନ ଦେଉଥାଏ । ସରଳ ଆଦିବାସୀମାନେ ଅତ୍ୟନ୍ତ ରାଜଭକ୍ତ ଥିଲେ । ତେଣୁ କଂଗ୍ରେସ ନେତାମାନେ ଏକ ବିଚିତ୍ର ନିଷ୍ପତ୍ତି ନେଲେ । ଭୋଟ ଦିନ ଗାଁ ଲୋକମାନଙ୍କୁ ମଦ ପିଇବାକୁ କିଛି ଟଙ୍କା



ଦିଆଯିବ । ଗାନ୍ଧୀଙ୍କ ଗୁମାସ୍ତା ବୋଲି ଦାବି କରୁଥିବା ସେକାଳର ପୁରୁଣା ନେତାମାନେ ଏହାକୁ ଗ୍ରହଣ କଲେ । ଏକମାତ୍ର ମହମ୍ମଦ ବାଜି ସାହେବ ଏହାକୁ ବିରୋଧ କଲେ ଓ ସବୁଦିନ ପାଇଁ କଂଗ୍ରେସ ଦଳ ପରିତ୍ୟାଗ କରି ବିନୋବାଜୀଙ୍କ ପ୍ରଦର୍ଶିତ ସର୍ବୋଦୟ ଆନ୍ଦୋଳନରେ ଯୋଗଦେଲେ । ସେବେଠାରୁ ସମସ୍ତ ରାଜନୈତିକ ଦଳମାନେ ନିର୍ବାଚନ ବୈତରଣୀ ନଦୀ ପାର ପାଇଁ ଅର୍ଥ ଓ ମଦକୁ ଶ୍ରେଷ୍ଠ ଅସ୍ତ୍ର ରୂପେ ବ୍ୟବହାର କରିଆସୁଛନ୍ତି । ନିର୍ବାଚନ ପରେ ନିର୍ବାଚନ ଆସିଛି । ନେହେରୁଙ୍କର କଳାବଜାରୀଙ୍କୁ ବତୀଖୁଣ୍ଟରେ ଫାଶି ଦିଅ, ଜୟପ୍ରକାଶଙ୍କ ସଂପୂର୍ଣ୍ଣ କ୍ରାନ୍ତି ଡାକରା, ମୋଦୀଙ୍କର ସ୍ୱାଭିମାନ ଭାରତ ଆହ୍ୱାନ ଧୂଆଁବାଣରେ ପରିଣତ ହୋଇଛି । ଯୁଦ୍ଧରେ ମରିଥିବା ଶହୀଦଙ୍କ କଫିନ କିଣାରେ ଆମେ ଦୁର୍ନୀତି କରିଛୁ । ଆଜି ଖବରକାଗଜରେ କିଭଳି ଜଣେ ସରକାରୀ କର୍ମଚାରୀ ଭିଜିଲାନସ ହାତରୁ ରକ୍ଷାପାଇବା ପାଇଁ ବିଡା ବିଡା ଟଙ୍କା କୋଠା ଉପରୁ ଫିଙ୍ଗିଛନ୍ତି, ତାହା ସମସ୍ତେ ଦେଖିଛନ୍ତ । ଏହା ଜଣକ କଥା ନୁହେଁ, ଅଧିକାଂଶ ସରକାରୀ ବାବୁ ନିଧଡକରେ ଗରିବଙ୍କ ଅର୍ଥ ହଡପ କରି ଆମ ସ୍ୱଚ୍ଛ ଶାସନରେ କୋଟିପତି ପାଲଟୁଛନ୍ତି । ଅନ୍ୟାୟକୁ ନ୍ୟାୟର ରଙ୍ଗ ଦେଇ ନିଜ କାମକୁ ଯଥାର୍ଥ ବୋଲି ଦାବି କରିବା ଆମ ଦେଶରେ ମହାଭାରତ ଯୁଗରୁ ଚାଲି ଆସିଛି । ଆଗେ ସହର ମଝିରେ ମଦ ଦୋକାନ ଥିଲା । ମଦୁଆଙ୍କୁ କାଳେ କିଏ ଦେଖିଦେବ, ସେହି ଲାଜରେ ଲୁଚିଛପି ମଦ କିଣୁଥିଲେ । ଏବେ ସହରଠାରୁ ଦୂରରେ ନିକା-ଞ୍ଜନ ଜାଗାରେ ମଦ ଦୋକାନ ଖୋଲିଲା । ମଦୁଆ ନିଧଡ଼କରେ ମଦ କିଣି ପାଖ ଜଙ୍ଗଲରେ ବିଛଣା ପାରି ଶୋଉଛନ୍ତି । ସାତ ଦିନ ଆଗରୁ କାଟୁନ କାଟୁନ ମଦ ଯାଇ ମହଜୁଦ ହେବ । ଆଇନ ତା' ବାଟରେ ଆଖି ବୁଜି ଯିବ । ଯିଏ ଆଇନକୁ ଫାଙ୍କିବାକୁ ଚାହିଁବ, ତାକୁ ଶହେ ଉପାୟ ମିଳିବ । ଏ ଦେଶରେ ନ୍ୟାୟ ବା ସତ୍ୟ ଖୋଜିବା, ମରୁର ମରିଚିକା ଭଳି ।

ପୁଣି ଗୋଟାଏ ଗୁଣ୍ଡା ଆଇନ ଆସୁଛି । ଗୁଣ୍ଡାମାନେ ସାବାଡ ହେବେ । ଗୁଣ୍ଡା ତ' ନେତାମାନେ ପୋଷୁଛନ୍ତି । ତାଙ୍କ ହାତ ପାଣ୍ଡିରୁ ଏକ ବଡ ଅଂଶ ଗୁଣ୍ଡାଙ୍କୁ ଖାଦ୍ୟ ଯୋଗାଏ । କରୋନା ନିୟମକୁ ଯଦି କିଏ ଭାଙ୍ଗୁଥାଏ, ତାହା ଆମର ନେତାମାନେ । ତଥାପି ସବୁଦିନ ରଡି, "ଅମାନିଆଙ୍କୁ ଧର ।"

"ମନରେ ଆଶା ଧର । ବେଳେ ବେଳେ ଅସମ୍ଭବ ବି ଘଟିଥାଏ । ଆମ ଦେଶରେ ଯଦି ମଦ ବା ଗୁଣ୍ଡା ବିନା ନିର୍ବାଚନ ହେବ, ତାହା ସତରେ ସତ୍ୟ ଯୁଗ ଆସିଲା ଭଳି ହେବ ।"

"ସବୁବେଳେ ସୂତାରୁ ଖିଅ କାଢିବା ଆପଣଙ୍କ ଅଭ୍ୟାସ । କେଡେ ଆଶାରେ ଆସିଥିଲି, ମନଟା ଊଣା କରିଦେଲ", ଦଣ୍ଡଧାରୀବାବୁ କହିଲେ ।

"ଫଳେନ ପରିଚୟତେ ।"

"ଅପେକ୍ଷା କର, କ'ଣ ଆଗକୁ ଘଟୁଚି, ଯୁଗକୁ ଯୁଗ ଏହି ମତ, ନେତାଙ୍କ ମାୟା ପରକଟ" ହାଇଟେକ ବାବା ଏହା କହି ଦଣ୍ଡଧାରୀଙ୍କୁ ବିଦାୟ ଦେଲେ ।

**ଡାଃ ସୁରେନ୍ଦ୍ର ନାଥ ଦାଶ**, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

## ଆଜିର ଅନୁଚିନ୍ତା

**ନିଜେ ନିଜ ସ୍ୱରୂପରେ ରହି ଆନନ୍ଦ ପାଇବା ପାଇଁ ପ୍ରୟାସ କର ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଏମିତି ଆଉ କେତେ ଦିନ !

ଗୋଲଖଚନ୍ଦ୍ର ଦାସ



କାବୁଲସ୍ଥିତ ଭାରତୀୟ ଦୂତାବାସ ଉପରେ ଆକ୍ରମଣ କରିଥିବା ଜଣେ ଆତଙ୍କବାଦୀକୁ ଆଫଗାନିସ୍ତାନର ଶାସକ ଗୋଷ୍ଠୀ ତାଲିବାନ ଦେଇଛି ଉପହାର । ଏହି ଆତଙ୍କବାଦୀର ନାମ ହେଉଛି କ୍ୱାରି ବରୟାଲ । ତାଲିବାନ, ଅଲକାଏଦା, ଇସଲାମିକ ମୁଭମେଂଟ ଅଫ ଉଜବେକିସ୍ତାନ, ଇସଲାମିକ ଜିହାଦ ୟୁନିୟନ, ତୁର୍କିସ୍ତାନ ଇସଲାମିକ ପାର୍ଟି ଠାରୁ ନିୟମିତ ଅର୍ଥ ଓ ଅନ୍ୟ ପ୍ରୋତ୍ସାହନ ପାଇ ଆସୁଥିବା ଏହି ଆତଙ୍କବାଦୀକୁ ଭାରତୀୟ ଦୂତାବାସ ଉପରେ ଆକ୍ରମଣ କରିବା ପାଇଁ ଇରାନର ଇସଲାମିକ ରିଭୋଲ୍ୟୁସନ ଗାର୍ଡ ପକ୍ଷରୁ ନିୟମିତ ଅର୍ଥ ଯୋଗାଇ ଦିଆଯାଉଥିଲା । ବରୟାଲ ଅଲକାଏଦା ଆତଙ୍କବାଦୀ ସଂଗଠନ ଓ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସହିତ ଜଡିତ ରହିଛି । ପୁରସ୍କାର ସ୍ୱରୂପ ଆତଙ୍କବାଦୀ କ୍ୱାରି ବରୟାଲକୁ ତାଲିବାନ ସରକାର କାବୁଲର ଗଭର୍ଣ୍ଣର ପଦରେ ନିଯୁକ୍ତି ଦେଇଛି । ଏ ତ' ହେଉଛି ଦେଶ ବାହାରର କଥା । ଭାରତବିରୋଧୀ ଶକ୍ତିମାନେ ଭାରତ ବିରୋଧରେ କାମ କରିବା ପାଇଁ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ, ପୁରସ୍କାର ଦେବା ନୂଆକଥା ନୁହେଁ । ଆମ ଦେଶରେ ତ ଏହାଠାରୁ ଆହୁରି ମାରାତ୍ମକ କଥା ହେଉଛି । ହିନ୍ଦୁତ୍ୱ, ହିନ୍ଦୁ ଧର୍ମ, ଦେଶ ଓ ଗୋମାତାଙ୍କୁ ପରିହାସ କରୁଥିବା ଲୋକମାନଙ୍କୁ ବି ପୁରସ୍କୃତ କରାଯାଉଛି ।

ଏହାର ସଦ୍ୟତମ ଉଦାହରଣ ହେଉଛି କରୋନା ମହାମାରୀ ଘଟଣାରେ ମହାରାଷ୍ଟ୍ର ପରେ କେରଳ ସଂକ୍ରମଣ ହାରରେ ଦ୍ୱିତୀୟରେ ରହିଛି । ୩.୫ କୋଟି ଜନସଂଖ୍ୟା ବିଶିଷ୍ଟ କେରଳରେ ବର୍ତ୍ତମାନ ସୁଦ୍ଧା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମଣ ମାମଲା ସାମନାକୁ ଆସିଛି । କେବଳ ଏହି ରାଜ୍ୟରେ ସଂକ୍ରମଣ ହେତୁ ୩୬ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଏହି ରାଜ୍ୟରେ ଯେଉଁମାନେ ମହାମାରୀ ସମୟରେ ସେବା କରିଛନ୍ତି, ସଚେତନ କରିବା ପାଇଁ ଜନଜାଗରଣ କରିଛନ୍ତି ସେଭଳି ଲୋକଙ୍କୁ ପୁରସ୍କୃତ କରାଯିବା ବଦଳରେ ଯିଏ କାର୍ଟୁନ ଜରିଆରେ ହିନ୍ଦୁତ୍ୱ, ହିନ୍ଦୁ ଧର୍ମ, ଦେଶ ଓ ଗୋମାତାଙ୍କୁ ପରିହାସ କରିଛି ସେହିଭଳି ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଉଛି । "COVID-19 GLOBAL MEDICAL SUMMIT" ନାମକ ଏକ କାର୍ଟୁନ ଦ୍ୱାରା ବିଶ୍ୱସ୍ତରରେ ଭାରତ ଏବଂ ହିନ୍ଦୁଙ୍କ ଛବିକୁ ଖରାପ କରିବାକୁ ଚେଷ୍ଟା କରାଯାଇଛି । ଏହି କାର୍ଟୁନ ଦର୍ଶାଉଛି ଯେ, ଗ୍ଲୋବାଲ କନଫରେନ୍ସ ଚାଲିଛି ଏବଂ ଏଥିରେ ଇଂଲଣ୍ଡ, ଚୀନ୍ ଏବଂ ଆମେରିକାର ପ୍ରତିନିଧିମାନ ବସିଛନ୍ତି । ଏକ ଗାଇକୁ ଭାରତର ପ୍ରତିନିଧି ଭାବରେ ଦର୍ଶାଯାଇଛି । ଗାଇଟି ଗେରୁଆ ବସ୍ତ୍ର ଘୋଡାଇ ହୋଇ ବସିଛି । ଅନ୍ୟ ଦେଶର ପ୍ରତିନିଧିମାନେ ଆଶ୍ଚର୍ଯ୍ୟ ହୋଇ ଭାରତର ପ୍ରତିନିଧିଙ୍କୁ ଚାହିଁ ରହିଛନ୍ତି । କେରଳର ପୋନୁରିନି ଅଂଚଳର ଅନୁପ ରାଧାକୃଷ୍ଣନ୍ ନାମକ ଜଣେ କଳାକାର ଏହି କାର୍ଟୁନ ତିଆରି କରିଛନ୍ତି । ୨୦୧୯-୨୦ର କାର୍ଟୁନ ପ୍ରତିଯୋଗିତାରେ କେରଳର 'ଲଳିତ କଳା ଏକାଡେମୀ' ଏହି କାର୍ଟୁନକୁ ପୁରସ୍କୃତ କରିଛି । ୧୧୨ କୋଟି କରୋନା ଟିକା ପ୍ରଦାନ କରିବା ସହିତ କରୋନା ମହାମାରୀକୁ ନିୟନ୍ତ୍ରଣରେ ରଖିପାରିଛି ଭାରତ । ଏ କ୍ଷେତ୍ରରେ ପ୍ରଶଂସା କରାଯିବା ପରିବର୍ତ୍ତେ ଜାଣିଶୁଣି କିଛି ଲୋକ ଦେଶ ତଥା ଧର୍ମକୁ ବଦନାମ କରୁଛନ୍ତି ।

ପଞ୍ଜାବର ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନି ବର୍ତ୍ତମାନ ଏ କ୍ଷେତ୍ରରେ ଗୋଟିଏ ପାଦ ଆଗରେ । ଯେଉଁମାନଙ୍କର ଦେଶର ଆଇନ ପ୍ରତି ଭରସା ନାହିଁ, ଯେଉଁମାନେ ତଥାକଥିତ କୃଷକ ଆନ୍ଦୋଳନ ନାମରେ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରନ୍ତି, ସମସ୍ୟାର ସମାଧାନ ପରିବର୍ତ୍ତେ ଘଟଣାକୁ ବଢାଇ ଚାଲନ୍ତି, ଜାନୁଆରୀ ୨୬ ଦିନ ସାଧାରଣତନ୍ତ୍ର ପରି ପବିତ୍ର ଦିବସରେ ଅରାଜକତା ସୃଷ୍ଟି କରି ଦେଶର ବଦନାମ କରନ୍ତି, ସେହିଭଳି ଗିରଫ ହୋଇଥିବା ୮୩ ଜଣ ଅରାଜକତାବାଦୀ ତତ୍ତ୍ୱଙ୍କୁ ୨ ଲକ୍ଷ ଲେଖାଏଁ ସହାୟତା ଯୋଗାଇଦେବା ପାଇଁ ଚନ୍ନି ଘୋଷଣା କରିଛନ୍ତି । ଏବେ ପ୍ରଶ୍ନ ଉଠୁଛି, ଏମାନେ କ'ଣ ସ୍ୱାଧୀନତା ସଂଗ୍ରାମୀ ନା ସହିଦ? କ'ଣ ପାଇଁ ସେମାନଙ୍କୁ ସହାୟତା ପ୍ରଦାନ କରାଯିବ? ଦିଲ୍ଲୀ ପୋଲିସଠାରୁ ସର୍ତ୍ତମୂଳକ ଅନୁମତି ନେଲେ କୃଷକମାନଙ୍କର ଏକ ପ୍ରତୀକାତ୍ମକ ଟ୍ରାକ୍ଟର ରାଲି ପାଇଁ, କିନ୍ତୁ କାମ କଲେ ଓଲଟା । ଅରାଜକତାର ତାଣ୍ଡବ ସୃଷ୍ଟି କଲେ ଦିଲ୍ଲୀରେ । ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଭାଇମାନଙ୍କୁ ଆକ୍ରମଣ କରି ପିଙ୍ଗିଦେଲେ ଗଡଖାଇ ଭିତରକୁ । ସେମାନେ ଅପରାଧୀ । ଦିଲ୍ଲୀ ପୋଲିସ ହେପାଜତରେ ଅଛନ୍ତି । ସେମାନଙ୍କ ବିରୋଧରେ ମୋକଦ୍ଦମା ଚାଲିଛି । ଯେଉଁମାନେ ଶୋଭାଯାତ୍ରା କରିବା ବାହାନାରେ ରାଷ୍ଟ୍ରୀୟ ସ୍ମାରକୀ ଲାଲକିଲ୍ଲାକୁ ଏକପ୍ରକାର ବନ୍ଧକ ରଖିଥିଲେ, ଯେଉଁଠାରେ ଜାତୀୟ ପତାକା ଉତ୍ତୋଳିତ ହୁଏ, ସେହି ସ୍ଥାନରୁ ତ୍ରିରଙ୍ଗାକୁ କାଢିଦେଇ ତାହା ସ୍ଥାନରେ ଖଲିସ୍ତାନ ପତାକା ଉତ୍ତୋଳନ କରିଥିଲେ ଏବଂ ଲାଲକିଲ୍ଲାର ଛାତ ଉପରେ ଭିଣ୍ଡରନୱାଲାର ଫଟୋ ଲଗାଇଥିଲେ, ସେହିମାନଙ୍କୁ କାହିଁକି ସହାୟତା ପ୍ରଦାନ କରାଯିବ? ଏପରି କିଛି ଲୋକ ଅଛନ୍ତି ନିଜ ନିଜର ସ୍ୱାର୍ଥ, ଲୋକପ୍ରିୟତା ପାଇଁ ଦେଶକୁ ବିକ୍ରି କରିଦେଇପାରନ୍ତି, ଦେଶ ବିରୋଧରେ ଦେଶ-ବିଦେଶରେ ଅପପ୍ରଚାର କରିପାରନ୍ତି, ଦେଶଦ୍ରୋହୀମାନଙ୍କୁ ଦେଶଭକ୍ତଙ୍କ ପରି ପୁରସ୍କାର ଦିଅନ୍ତି । ହାସ୍ୟକାର ଅଭିନେତା ବୀର୍ ଦାସ । ଆମେରିକାର ରାଜଧାନୀ ୱାଶିଂଟନ ଡିସିସ୍ଥିତ ଜନ୍ ଏଫ୍ କେନେଡି ସେଂଟରରେ 'ଆଇ କମ୍ ଫ୍ରମ ଟୁ ଇଣ୍ଡିଆସ୍' ଶୀର୍ଷକ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମର ଏକ ୭ ମିନିଟର ଭିଡିଓ ୟୁଟ୍ୟୁବରେ ପ୍ରସାରିତ ହୋଇଛି । ଯେଉଁଥିରେ ସେ କହୁଛନ୍ତି, "ମୁଁ ଏପରି ଏକ ଦେଶରୁ ଆସିଛି ତାହା ଦୁଇ ପ୍ରକାର ।। ଯେଉଁଠି ଦିନବେଳା ମହିଳାଙ୍କୁ ପୂଜା କରାଯାଏ, କିନ୍ତୁ ରାତିରେ ଗଣବଳତ୍କାର କରାଯାଏ ।" ବୀର୍ ଦାସ ଦେଶ ବିରୋଧରେ ଆହୁରି ଏପରି ଅପଶବ୍ଦ ପ୍ରୟୋଗ କରିଛନ୍ତି ତାହା ବର୍ଣ୍ଣନା ନକରିବା ଭଲ । ସେ ଯେଉଁଠାରେ ଜନ୍ମ ହୋଇଛନ୍ତି, ଯେଉଁଠାରେ ସେ ବୀର୍ ଦାସ ରୂପେ ତିଆରି ହୋଇଛନ୍ତି, ଯେଉଁଠାରୁ ସେ ଧନ ଅର୍ଜନ କରୁଛନ୍ତି, ଯେଉଁଠି ଲୋକପ୍ରିୟତା ହାସଲ କରିଛନ୍ତି, ସେହି ଦେଶ ବିରୋଧରେ ଆମେରିକାରେ ଯେଉଁ ଅପଶବ୍ଦ କହିଛନ୍ତି, ତାହା ଅକ୍ଷମଣୀୟ । ଏହି ଘଟଣାକୁ ଚାରିଆଡେ ଜୋରଦାର ବିରୋଧ ହେବାପରେ ନିଜର ସ୍ପଷ୍ଟୀକରଣରେ ସେ କହିଛନ୍ତି ଯେ, ସେ କେବଳ ଭାରତ ବିରୋଧାଭାସକୁ ସାମନାକୁ ଆଣିଛନ୍ତି । ଭାରତ ଏକ ମହାନ ଦେଶ ଏବଂ ଆମେ ଆମର ମହାନତାକୁ ମନେରଖିବା ଉଚିତ । ସାତ ମିନିଟର ଭିଡିଓର ଶେଷରେ ଯେଉଁ ତାଳି ହୋଇଛି ତାହା ଭାରତ ପ୍ରତି ଦେଶଭକ୍ତିର ପ୍ରମାଣ । ଏବେ ପ୍ରଶ୍ନ ହେଉଛି ଦେଶଭକ୍ତିର ଏହି ପ୍ରମାଣ ହାସଲ ପାଇଁ ବୀର୍ ଦାସକୁ ନିଜ ଦେଶ ବିରୋଧରେ ଅପପ୍ରଚାର କରିବାର କ'ଣ ଆବଶ୍ୟକ ଥିଲା? ଏହିପରି ଭ୍ରାତାଙ୍କ ବଦନକୁ ଆମ ଦେଶ ଚିହ୍ନିବା ଦରକାର । ଏହିପରି ଲୋକ ଆମ ଦେଶକୁ ବିକି ପଇସା କମାଇବାରେ ବ୍ୟସ୍ତ । ଏବେ ଚିନ୍ତା କରନ୍ତୁ ଆଜି ଯଦି ଭାରତର ବଡ ବଡ କ୍ରାନ୍ତିକାରୀମାନେ ଥାଆନ୍ତେ, ଯେଉଁମାନେ କି ନିଜର ଜୀବନ ବଳିଦାନ ଦେଇ ଭାରତକୁ ସ୍ୱାଧୀନ କରିଛନ୍ତି, ଏହିପରି ଲୋକମାନଙ୍କୁ ଦେଖିଲା ପରେ ସେମାନଙ୍କର ଆତ୍ମା କିପରି ହେଉଥିବ! ଆମ ଦେଶରେ ଅନେକ କାର୍ଟୁନିଷ୍ଟ ଅଛନ୍ତି, ଅନେକ ହାସ୍ୟ ଅଭିନେତା ଅଛନ୍ତି, ଅନେକ ନେତା ଅଛନ୍ତି, କିନ୍ତୁ ସମସ୍ତେ ଏକାପରି ନୁହଁନ୍ତି । ଯେଉଁମାନେ ଦେଶ ବିରୋଧରେ ଏପରି କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ଯଦି ଏମାନଙ୍କ ବିରୋଧରେ ଦେଶ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଏ, ତେବେ ସେମାନେ ସୀମା ଟିପିଯିବେ, ଦିନକୁ ଦିନ ସେମାନଙ୍କର ସାହସ ବଢିବା ସହିତ ସେମାନଙ୍କର ସଂଖ୍ୟା ବଢିଚାଲିବ । ସାରା ବିଶ୍ୱକୁ ଏହି ସନ୍ଦେଶ ଯିବ ଯେ ଭାରତର ଲୋକ ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ନିଜ ଦେଶକୁ ବିକି ପାରିବେ, ଖଣ୍ଡିତ କରିପାରିବେ, ଦେଶ ସହିତ ପ୍ରତାରଣା କରିପାରିବେ, ନିଜର ଚରିତାର୍ଥ ପୂରଣ କରିବା ପାଇଁ ଦେଶର ଛବିକୁ ଖରାପ କରିଦେଇ ପାରିବେ । ଏବେ ପ୍ରଶ୍ନ ଉଠୁଛି ଲୋକଙ୍କର ଏପରି ମାନସିକତା କେତେଦିନ ପର୍ଯ୍ୟନ୍ତ? ଦେଶର ସମ୍ମାନକୁ ଆଘାତ ଦେଉଥିବା ମାନସିକତା କେବେ ଶେଷ ହେବ? ଯଦି କୌଣସି ବ୍ୟକ୍ତି ସମାଜ କିମ୍ବା ଦେଶକୁ ମହାନ ହେବାକୁ ଚାହେଁ ତେବେ ତାଙ୍କ ପାଇଁ ସମ୍ମାନ ପାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଅନ୍ୟ ଦେଶକୁ ଯାଇ ଯଦି ଦେଶପ୍ରତି ସମ୍ମାନର ଭାବନା ଜାଗ୍ରତ ନକରି ପାରିଲା, ତେବେ ସବୁ ଆଶା, ସବୁ ଭରସା ଓ ସମ୍ମାନ ପାଣିଫୋଟକା ପରି ମିଳେଇଯିବ ।

*-ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩*

# ଈଶ୍ୱରଙ୍କ ଅନୁଗ୍ରହ

ଅନ୍ତର୍ଯ୍ୟାମୀ ପଟ୍ଟନାୟକ



ମାନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ । ଗତିହୀନ ଜୀବନ ତା' ପାଇଁ ସୁନ୍ଦର ନୁହେଁ । ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ । ଆଧ୍ୟାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ । ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ । ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଲ, ନୀରାଜନା ପ୍ରଦକ୍ଷିଣ, ନମସ୍କାର । ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ । ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି । କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ । ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ । ପୁଷ୍ପାଞ୍ଜଳିର ସୁଫଳ ମଧ୍ୟ କ୍ଷଣସ୍ଥାୟୀ ହୋଇପାରେ । ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି । ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ । ଏହିଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ । କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ । ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ । କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ୍ୟ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ । ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ । ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ । ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ । ତୃତୀୟ ପୁଷ୍ପଟି ଦୟା । ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ । କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି । ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ୍ୟ ତାହା ପରମାତ୍ମାଙ୍କଠାରେ ପହଞ୍ଚିଯାଏ । ସେହି ସତ୍ୟରେ ଏହା ମଧ୍ୟ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ୍ୟ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ । କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ । ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି ।

କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ୍ୟ ଆନନ୍ଦ ପାଇପାରିବ ନାହିଁ । ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ । ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ । ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ । ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ । ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁ ଥିବାରୁ ଆକାଶରେ ରହିଛି । ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ । ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ-ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ । ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ । ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧ୍ୟାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି । ତାଙ୍କୁ ବିଦେହ କୁହାଯାଉଥିଲା । ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା । ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ । ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ ।

ଷଷ୍ଠ ପୁଷ୍ପଟି ହେଉଛି ତପ । ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା । ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷାକରିବା । ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରିପାରିବେ ନାହିଁ କାରଣ ନିଜ ସହିତ ମଧ୍ୟ ସେ ମିଥ୍ୟାଚାର କରେ । ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତା'ର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ । ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ । ମୋ' ମସ୍ତକରେ ଯେତିକି କେଶ ଅଛି ସେତେ ପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ । ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି । ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ । ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରିକ କରିବା ଉଚିତ । ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ ।

ଅଷ୍ଟମ ପୁଷ୍ପଟି ସତ୍ୟ । ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ । କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ୍ୟ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହିପାରନ୍ତି । ଯେତେବେଳେ ଏହି ପୁଷ୍ପ ତୁମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ତୁମକୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ । ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା । ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କର ପୂଜା ଗୃହରୁ ବାହାରି ଆସିଲାକ୍ଷଣି ମନରେ ଭକ୍ତି ରହେନାହିଁ । ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବ? ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ସାଇ ଆଶ୍ରିତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ ।

*-ଟ୍ରଷ୍ଟ କନ୍‌ଭେନର, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ : ୯୪୩୭୦୨୨୦୬୧*

# ଆସ ସଜାଡ଼ିବା ଆମ ପିଲାଙ୍କୁ !

ସକାଳ ବୁଲାସାରି ମୁଁ ଘରକୁ ଫେରୁଥିଲି । ସୁବାସବାବୁଙ୍କ ସହିତ ଦେଖାହେଲା । ସେ ହସି ହସି କହିଲେ ଏବେ ସ୍କୁଲ ଖୋଲିଗଲା । ମୁଣ୍ଡର ବୋଝ ହାଲୁକା ହୋଇଗଲା । ମୁଁ ତାଙ୍କ ଖୁସି ଦେଖି ଚୁପ ରହିପାରିଲି ନାହିଁ । ମୁଁ କହିଲି ସୁବାସବାବୁ କଥା କ'ଣ କି? ସେ ପୁଅଟା ଖାଲି ସବୁବେଳେ ଖେଳାବୁଲା ଡିଆଁଡେଇଁ କରୁଥିଲା । ଏଣିକି ସ୍କୁଲ ଯିବ । ତା'ର ଚାଲିଚଳନ ଆଚାର ବ୍ୟବହାର ବଦଳିଯିବ ।

ଦିଲ୍ଲୀ ବାବୁ ବି ତାଙ୍କ ନାତି କଥା କହୁଥିଲେ । ଜମା ପାଠପଢାରେ ତାର ମନ ଲାଗୁନି । କରୋନା ସାରା ବିଶ୍ୱର ଲୋକମାନଙ୍କ ଧନ, ଜ୍ଞାନ ଓ ଜୀବନ ଉପରେ ଅନେକ କୁପ୍ରଭାବ ପକାଇଛି । ତା' ବୋଲି କ'ଣ ଆମେ ପିଲାମାନଙ୍କୁ ବୋଝ ଭାବି ଫୋପାଡ଼ି ଦେବା । ନା ତା' କଦାପି ଠିକ୍ ନୁହେଁ । ଶିଶୁମାନେ ଆମ ଦେଶ ଜାତିର ଭବିଷ୍ୟତ । ପିଲାମାନଙ୍କ ଶିକ୍ଷାର ବିକାଶ ଦେଶର ବିକାଶ । ସେମାନଙ୍କ ବୌଦ୍ଧିକ, ଶାରିରୀକ, ଚାରିତ୍ରିକ ଉନ୍ନତି ଘଟିଲେ ଆଗାମୀ ସମାଜ କଳଙ୍କମୁକ୍ତ ବିକଶିତ ସମାଜ ହୋଇପାରିବ । ଏହା ନିଃସନ୍ଦେହରେ କୁହାଯାଇପାରେ । ମାତାପିତା ପିଲାର ପ୍ରଥମ ଶିକ୍ଷାଦାତା । ସେମାନେ ଚାହିଁଲେ ବିଗିଡ଼ି ଯାଇଥିବା ପିଲାମାନଙ୍କୁ ସଜାଡ଼ି ପାରିବେ । ସେଥିପାଇଁ ସେମାନଙ୍କୁ କେତେଗୋଟି କାର୍ଯ୍ୟ କରିବାକୁ ପଡ଼ିବ ।

● ପିଲାମାନଙ୍କୁ ଠିକ୍ ସମୟରେ ଖାଲି ବିଦ୍ୟାଳୟକୁ ପଠାଇ ଦେଲେ ଚଳିବନି । ସଚେତନ ଅଭିଭାବକ ହିସାବରେ ସେମାନଙ୍କ ପାଖରେ ପାଠ୍ୟ ଉପକରଣ ଅଛିକି ନାହିଁ ଦେଖିବାକୁ ପଡ଼ିବ । ଯଦି ଥାଏ ତାହା ଟାଇମ୍ ଟେବୁଲ ଅନୁଯାୟୀ ପିଲାଟି ନେଉଛି କି ନାହିଁ ଦେଖିବେ । ପ୍ରତିଦିନ ନିୟମିତ କ'ଣ ପଢାଯାଇଛି ଓ ଲେଖାଯାଇଛି ତା' ବିଷୟ ଜାଣିବେ ।

● ପାଠପଢା ପାଇଁ ମାନସିକ ଶାନ୍ତି ନିତ୍ୟାନ୍ତ ଆବଶ୍ୟକ । ଅଭିଭାବକମାନେ ବଡ଼ ପାଟିରେ କଥା ହେବା ବା ଗାଳିଗୁଲଜ ଠାରୁ ଦୂରେଇ ରହିବା ଦରକାର । ଉଚ୍ଚ ଭଲ୍ୟୁମରେ ଟେଲିଭିଜନ ଦେଖିବା ଠିକ୍ ନୁହେଁ ।

● ପିଲାମାନଙ୍କର ଦୋଷତ୍ରୁଟି ଅସଫଳତା କଥା ଜାଣିଥିଲେ ମଧ୍ୟ, ତାହାକୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କରନ୍ତୁ ନାହିଁ । ତାହା ଦ୍ୱାରା କୋମଳମତି ଶିଶୁର ମନରେ କୁପ୍ରଭାବ ପଡ଼ିବ । ନିରୁତ୍ସାହିତ କରିବା ପରିବର୍ତ୍ତେ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ । ଯାହାଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ହେବ ।

● ପିଲାମାନଙ୍କର ଇଚ୍ଛା, ଅନିଚ୍ଛା, ଭଲମନ୍ଦ ଦୁର୍ବଳତା ଓ ସଫଳତା ବିଷୟରେ ଅଭିଭାବକ ଅଧିକରୁ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ । ଖାଲି ସେତିକି ନୁହେଁ ସାଙ୍ଗ ସାଥିମାନଙ୍କର ନାମ ଠିକଣା ଓ କାର୍ଯ୍ୟକଳାପ ପ୍ରତି ବିଶେଷ ରୂପ ଧ୍ୟାନ ଦିଅନ୍ତୁ ।



● ପିଲାମାନଙ୍କୁ ଖର୍ଚ୍ଚ କରିବାକୁ ଅଧିକ ଅର୍ଥ ଦିଅନ୍ତୁ ନାହିଁ । ଏହା ସେମାନଙ୍କୁ କୁମାର୍ଗକୁ ଟାଣି ନେଇପାରେ । ଆତ୍ମସଂଜମତା ସରଳ ଜୀବନ, ସମୟାନୁବର୍ତ୍ତିତ କଷ୍ଟ ସହି ଓ ଉଚ୍ଚ ଅଭିଳାଷୀ ହେବା ପାଇଁ ପ୍ରେରଣା ଦିଅନ୍ତୁ ।

● ଯଦି କୌଣସି ବ୍ୟବହାରିକ ତ୍ରୁଟି ପରିଲକ୍ଷିତ ହୁଏ ତାର ପୁନରାବୃତ୍ତି ନ ହେବା ପାଇଁ ପିଲାମାନଙ୍କୁ ଶିକ୍ଷା ଦିଅନ୍ତୁ । ଦଣ୍ଡ ନୁହେଁ ସ୍ନେହ ଶ୍ରଦ୍ଧା ମାଧ୍ୟମରେ ପରିବର୍ତ୍ତନ ହୋଇପାରେ ।

● ସୁନ୍ଦର ଅକ୍ଷର ଲେଖିବା, ଚିତ୍ରାଙ୍କନ କରିବା, ଗୀତ ଗାୟନ, ନିର୍ଦ୍ଦିଷ୍ଟ ଖେଳ ଖେଳିବା ପ୍ରତି ଆଗ୍ରହ ଆଣିପାରିଲେ ପିଲାମାନଙ୍କର ଦକ୍ଷତା ବୃଦ୍ଧି ହେବ ।

● ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ନିୟମିତ ଶିକ୍ଷାଲାଭ ପାଇଁ ବିଦ୍ୟାଳୟକୁ ପଠାନ୍ତୁ ।

### ଶିକ୍ଷକମାନଙ୍କର ଦାୟିତ୍ୱ:

● ଅର୍ଦ୍ଧବାର୍ଷିକ ପରୀକ୍ଷା ସମୟରେ ସ୍କୁଲ ଖୋଲୁଥିବାରୁ ଶିକ୍ଷକ ଓ ଶିକ୍ଷିକାମାନଙ୍କର ଘୋର ଚିନ୍ତାର ବିଷୟ ।

● ପୂର୍ବପାଠ ପଠନର କରିବାର ଆବଶ୍ୟକତା ନିତ୍ୟାନ୍ତ ଜରୁରୀ । ଯେଉଁ ମୂଳଦୁଆ ଉପରେ ତା'ର ଭବିଷ୍ୟତ ନିର୍ଭର କରେ । ସମସ୍ତ ପିଲାମାନଙ୍କ ପାଖରେ ପାଠ୍ୟ ଉପକରଣ ଥାଇ ନପାରେ । ସେପରି ପରିସ୍ଥିତିରେ ଧୈର୍ଯ୍ୟ, ସହଯୋଗ ମନୋବୃତ୍ତି ନେଇ ଶିକ୍ଷାଦାନ କରିବାକୁ ପଡ଼ିବ ।

● ପାଠ ପଢାଇବା ପୂର୍ବରୁ ପିଲାମାନଙ୍କ ମନରେ ନୂତନ ଆଗ୍ରହ ସଞ୍ଚାର କରନ୍ତୁ । ଅନ୍ଧାରକୁ ଅଭିଶାପ ନ ଦେଇ ବରଂ ଜ୍ଞାନର ଆଲୋକରେ ଆଲୋକିତ କରିଦେଲେ ସଫଳତା ନିଶ୍ଚୟ ଆସିବ ।

● ଅନୁନ୍ନତକୁ ଉନ୍ନତ ଅସୁନ୍ଦରକୁ ସୁନ୍ଦର ଅଶିକ୍ଷିତକୁ ଶିକ୍ଷିତ କରି ଗଢିବାରେ ଶିକ୍ଷକଙ୍କ ଜ୍ଞାନ ଅପେକ୍ଷା ନିସ୍ୱାର୍ଥପର ତ୍ୟାଗର ଆବଶ୍ୟକତା ଅଧିକ ଦରକାର । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଅଧିକରୁ ଅଧିକ ସମୟ ଶିକ୍ଷାଦାନ କରିପାରିଲେ ପିଲାମାନଙ୍କର ବୌଦ୍ଧିକ ବିକାଶ ହୋଇପାରିବ ।

### ଆମ ସମାଜର କର୍ତ୍ତବ୍ୟ:

● ଶିକ୍ଷାଦାନକୁ ସୁଗମ କରିବା ପାଇଁ ଅନାବଶ୍ୟକୀୟ ଶବ୍ଦ ପ୍ରଦୂଷଣରୁ ଦୂରେଇ ରୁହନ୍ତୁ । ଯାନିଯାତ୍ରା ପୁନେଇଁ ପର୍ବରେ ଡ଼ିଜେ ସଙ୍ଗୀତ ସମାରୋହ ଆଦିକୁ କମ୍ କରାଯାଉ । ଏହାଦ୍ୱାରା ଆମ ପିଲାମାନଙ୍କର ଅଧ୍ୟୟନରେ ବାଧା ସୃଷ୍ଟି ହେବନାହିଁ ।

● ପାଠପଢା ସମୟରେ ବିଜୁଳି କଟ୍‌ଅଫ୍ ହେବା ଦ୍ୱାରା ପିଲାମାନଙ୍କର ଜ୍ଞାନ ଆହରଣରେ ବ୍ୟାଘାତ ହେଉଛି । ସେଥିପ୍ରତି ଆମେ ସଚେତନ ହେବା ଉଚିତ୍ ।

ସରସସୁନ୍ଦର ସମାଜ ଗଠନ ପାଇଁ ସମସ୍ତଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ । କୋମଳମତି ଶିଶୁକୁ ସୁନାଗରିକ ରୂପେ ଗଢି ତୋଳିବା ପାଇଁ ପ୍ରାୟ ସମସ୍ତେ ଲାଳାୟିତ । ସେଥିପାଇଁ ଏକମନ ଏକପ୍ରାଣ ହୋଇ କାର୍ଯ୍ୟ କରିବାର ସମୟ ଆସିଛି । ଆସ ଆମେ ସମସ୍ତେ ମିଳିମିଶି ସଜାଡ଼ିବା ଏ ଅସଜଡ଼ା ପିଲାମାନଙ୍କୁ । ଆଗାମୀ ସୁନାର ସକାଳ ପାଇଁ ।

**ଅକ୍ଷୟ ପଣ୍ଡା**, ଆଳି, ଲୋକାପଡ଼ା, ମୋ-୯୩୩୭୪୯୨୩୦୭




## କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ଡେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ବିଜୁ ଜନତା ଦଳ ବବି ଜନତା ଦଳରେ ପରିଣତ ହେଉଛି : କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଛି। ମୁଖପାତ୍ର ଶ୍ରୀ ପଦ୍ମାକର ଗୁରୁ ଓ ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା ସାମ୍ବାଦିକଙ୍କୁ ସମ୍ବୋଧିତ କରିଥିଲେ।ରାଜ୍ୟରେ ମହିଳା ଓ ଶିଶୁ ନିଖୋଜ ଉପରେ ବଢୁଥିବା ନିର୍ଯ୍ୟାତନା, ଅପହରଣ, ଅପରାଧ, ବଳାତ୍କାର, ଗଣବଳାତ୍କାର ଓ ହତ୍ୟାକୁ ନେଇ ରାଜ୍ୟସାରା ଆଲୋଡ଼ନ ସୃଷ୍ଟି ହେଉଥିବା ବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ନିଦାବିଷ୍ଣୁ ସାଜି ଚୁପ୍ ରହିବା ମହିଳାଙ୍କ ଲାଗି ଚରମ ଅପମାନ ବୋଲି ମୁଖପାତ୍ର ପଦ୍ମାକର ଗରୁ କହିଛନ୍ତି। ସଂପ୍ରତି ଶିକ୍ଷୟତ୍ରୀ ମମିତା ମେହେର ହତ୍ୟା ପ୍ରସଙ୍ଗ କ୍ରମଶ ରାଜ୍ୟ ବାତାବରଣକୁ ଅତିଶୟ ପ୍ରଭାବିତ କରବାକୁ ନେଇ ଜନସାଧାଣଙ୍କର ଆକ୍ରୋଶକୁ ମୁଖ୍ୟମନ୍ତ୍ରୀ ବୁଝି ନପାରିବା ଅତ୍ୟ' ପୀଡ଼ାଦାୟକ ଅଟେ। କିଛି ବର୍ଷ ଧରି ମୁଖ୍ୟମନ୍ତ୍ରୀ ହାତଗଣତି ୪ ଜଣଙ୍କର କଥାରେ ପଡ଼ି ରାଜ୍ୟର ତଥା ରାଜ୍ୟବାସୀଙ୍କର ଭାବନାକୁ ଯେପରି କୁଠାରଘାତ କରୁଛନ୍ତି। ତାହା ସର୍ବଦା ଗ୍ରହଣୀୟ ନୁହେଁ। ସତେଯେପରି ବିଜୁଜନତା ଦଳ ଏବେ ବବି ଜନତା ଦଳରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ବବି, ପାଣ୍ଡିଆନ, ପ୍ରତାପ ଓ ଦିବ୍ୟଶଙ୍କରଙ୍କ ଠାରୁ ଦୂରେଇ ନ ରହିଲେ ରାଜ୍ୟବାସୀ ଅଣ୍ଡା, ଝଣ୍ଡା ଆଉ ଲଣ୍ଡାର ଫଣ୍ଡାରେ ତାଙ୍କୁ ଓ ମନ୍ତ୍ରୀମାନଙ୍କଚ ଓଡ଼ିଶାବାସୀ ସାରା ଓଡ଼ିଶାରେ ବିରୋଧ କରିବେ। ସତେଯେପରି ଏହି ୪ଜଣଙ୍କ ଲାଗି ନବୀନବାବୁ ନିଜର ଭାବ ମୂର୍ତୀକୁ ବଂଚେଇବା ଅପେକ୍ଷା ସେମାନଙ୍କୁ ସୁରକ୍ଷା ଦେବାକୁ ବେଶି ଶ୍ରେୟ ନେଉଛନ୍ତି।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ଆନନ୍ଦପୁରର କେତେଜଣ ଆଇନଜୀବୀ ତଥା ଓକିଲଙ୍କ ଦାଦାଗିରୀ


ଓକିଲ ଭାଗୀରଥି ଦାସ (କାଳିଆ)

ଭୂବନେଶ୍ୱର : ଆନନ୍ଦପୁରର କେତେଜଣ ଆଇନ୍‌ଜୀବୀ ତଥା ଓକିଲଙ୍କ ଦାଦାଗିରୀ ହକିମାତକାରୀ ଲୋକଙ୍କ ଟଙ୍କା ନେଇ ମାଡମାରିବା ସହ ଇ- କେଶ୍‌କରି ଧମକ ଦେବା ଏବଂ ତାଙ୍କର ଓକିଲ ସଂଘ ଅଛି କହି ସମସ୍ତଙ୍କୁ ଜାଲିଆତେ କାର୍ଯ୍ୟ କରିବା ସମ୍ବନ୍ଧରେ ତାଲୁକ ଲିଗାଲ ସର୍ଭିସେସ୍ କମିଟି ଆନନ୍ଦପୁରର ପାରା ଲିଗାଲ୍ ଭଲ୍ୟୁନ୍‌ଟର ତଥା ସାମ୍ବାଦିକ ଶ୍ରୀ ପ୍ରଭାତ କୁମାର ଦାସ ଓଡିଶା ସମ୍ବାଦିକ ସଂଘ , ଭୂବନେଶ୍ୱରର ସଭାପତିଙ୍କୁ ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି। ସେ ତାଙ୍କ ଅନୁରୋଧ ପତ୍ରରେ ଜଣାଇଛନ୍ତି ଯେ, ଲିଗାଲ୍ ଓକିଲବାବୁ ଦ୍ୱୟ ଆନନ୍ଦପୁର, କେନ୍ଦୁଝରର ଭାଗିରଥି ଦାଶ ଓରଫ୍ କାଳିଆ ଦାଶ, ଘସିପୁରା, ବାଇଧର ସେଠୀ, ଫକୀରପୁର ଏବଂ ଦେବାଶିଷ ବେହେରା, ତାଲୁକ୍ ଲିଗାଲ୍‌ର ଅଫିସ୍ କିରାଣୀ ସହ ଅନ୍ୟ କେତେଜଣଙ୍କୁ ହାତରେ ରଖି ଲୋକମାନଙ୍କ ବେଶ୍ ଫାଇଦା ଉଠାଉଛନ୍ତି। ଏତଦ୍ ବ୍ୟତୀତ ସେମାନେ କୌଣସି ମିଟିଙ୍ଗ୍ ନ କରି ଖାତାରେ ରେକର୍ଡ କରାଉଛନ୍ତି। କେବଳ ଏତିକି ନୁହେଁ ଆହୁରି ମଧ ଶ୍ରୀ ଦାସ ଜଣେ ତାଲୁକ୍ ଲିଗାଲ୍ ସଦସ୍ୟ ତା ୧୭.୦୪.୨୦୧୮ରିଖରୁ ଥାଇ ମଧ ଆଜି ପର୍ଯ୍ୟନ୍ତ କୌଣସି ବୈଠକରେ ସାମିଲ୍ ହୋଇନାହାଁନ୍ତି କି ତାଙ୍କୁ ଏପର୍ଯ୍ୟନ୍ତ ତାଲୁକ୍ ଲିଗାଲ୍‌ର କୈଣସି ସଦସ୍ୟ ବୈଠକ ବିଷୟରେ ଜଣାଇ ବି ନାହାଁନ୍ତି। ଏହାର କାରଣ ହେଉଛି ସେମାନଙ୍କର କେତେଜଣ ହାତବନ୍ଧା ସଦସ୍ୟ ଅଛନ୍ତି ଓ ସେମାନେ ହିଁ ବୈଠକରେ ନିୟମିତ ବସୁଛନ୍ତି। ଉପରୋକ୍ତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଶ୍ରୀ ଦାସଙ୍କୁ ମାଡ ମରାଯାଇଥିଲା, ଏଥିପାଇଁ ଶ୍ରୀ ଦାସ ତା ୦୮.୧୦.୨୦୧୨ରିଖରେ ଥାନାରେ ଏତେଲା ଦେଇଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ କୋର୍ଟରେ ବିଚାରପାଇଁ ପଡିରହିବା ସହ ଏପର୍ଯ୍ୟନ୍ତ ତାହା କାଜ୍‌ଲିଷ୍ଟରେ ତାରିଖ ମଧ ଦିଆଯାଇନାହିଁ। ଠିକ୍ ସେହିପରି ଏହି କେତେକ ଓକିଲମାନଙ୍କ ହସ୍ତକ୍ଷେପ ଫଳରେ ବିଚାର ପକ୍ରିୟା ଆଗେଇ ପାରୁନାହିଁ। ଉପରୋକ୍ତ ଓକିଲବାବୁମାନଙ୍କ ଦ୍ୱାରା ତା ୦୭.୧୦.୨୦୨୧ରିଖରେ ଶ୍ରୀଦାସଙ୍କୁ ଜଗା ଚା ଦୋକାନ ସାମ୍ନାରେ ରାଜରାସ୍ତା ଉପରେ ଶ୍ରୀ ପ୍ରଭାତ କୁମାର ଦାସଙ୍କ ମୁଣ୍ଡକୁ ଆଘାତ ଦେବା ସହ ତାଙ୍କ ବାମ କାନ ପାଖରେ ଯୋରରେ ମାଡ ମାରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ କରି ତାଙ୍କ ମୋବାଇଲ୍ ଫୋନ୍‌କୁ ଛଡାଇ ନେଇଛନ୍ତି। ଏବଂ ସେମାନେ ଶ୍ରୀଦାସଙ୍କୁ ଧମକ ଦେଇ କହିଛନ୍ତି ଯେ, ଏହି ବିଷୟରେ ଯଦି କେଉଁଠି ଅଭିଯୋଗ କରିବୁ କିମ୍ବା କେସ୍ କରିବୁ ତେବେ ତାକୁ ପିସ୍ ପିସ୍ କରି କଟି ବୈତରଣୀ ନଦୀରେ ଫିଙ୍ଗି ଦେବୁ, ତୁ ନଦୀରେ ଭାସୁଥିବୁ। ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସ ନିଜ ପରିବାରକୁ ନେଇ କିପରି ଚଳିବେ ବୋଲି ପ୍ରଶ୍ନ କରିଛନ୍ତି ଭୂବନେଶ୍ୱରସ୍ଥ ଓଡିଶା ସାମ୍ବାଦିକ ସଂଘକୁ। ଏଠାରେ ପ୍ରକାଶ ଯୋଗ୍ୟ ଯେ, ଶ୍ରୀ ପ୍ରଭାତ କୁମାର ଦାସ ଜଣେ ଗ୍ରାମାଚଂଳ ସାମ୍ବାଦିକ ହୋଇଥିବାରୁ ନ୍ୟାୟ ପାଇଁ ଓଡିଶା ସାମ୍ବାଦିକ ସଂଘରେ ଅନୁରୋଧ କରିଛନ୍ତି। ଶ୍ରୀ ଦାସ କ୍ଷୋଭର ସହ କହିଛନ୍ତି ଯେ, ଯଦି ସମସ୍ତ ସାମ୍ବାଦିକମାନଙ୍କର ସଂଘ ଅଛି, ତେବେ ଲୋକଙ୍କୁ ରାଜରାସ୍ତାରେ ମାଡ ମାରିବା, ହାକିମତି କରିବା, ଅଶ୍ଳିଳଭାଷା ପ୍ରୟୋଗ କରିବା, ଜୀବନରୁମାରିବାକୁ ଧମକ ଦେବା ସହ ଆନନ୍ଦପୁରକୁ ଆସିପାରିବୁ ନାହିଁ କହିବା ବା କୌଣସି ଲୋକ ଯାଇପାରିବେ ନାହିଁ କି କୌଣସି କାମଧନ୍ଦାରେ ରାସ୍ତାଘାଟରେ ଅଥବା କୋର୍ଟ କଚେରୀ ଯିବେନାହିଁ ଆଦି କହିବା କେଉଁ ନିୟମରେ ଅଛି। ଯେଉଁମାନଙ୍କର ସଂଘ ଅଛି, ସେମାନେ ଏହିପରି କରିପାରିବେ କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ଦାସ ଓଡିଶା ସାମ୍ବାଦିକ ସଂଘ , ଭୂବନେଶ୍ୱରକୁ। ଏଣୁ ଏସବୁ ଘଟଣାକୁ ବିଚାରକୁ ନେଇ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଶ୍ରୀ ଦାସଙ୍କୁ ଓଡିଶା ସାମ୍ବାଦିକ ସଂଘ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବ ବୋଲି କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କେଶଦୁରାପାଳ ବାସିନ୍ଦା ଶ୍ରୀ ପ୍ରଭାତ କୁମାର ଦାସ ମନରେ ଦୃଢ ଆଶା ରଖିଛନ୍ତି।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେ୍‌ଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ନାବାଳିକାକୁ ଅପହରଣ ଓ ଯୌନ ନିର୍ଯ୍ୟାତନା ମାମଲାରେ ଅଭିଯୁକ୍ତକୁ ଫାଷ୍ଟଟ୍ରାକ କୋର୍ଟଙ୍କ ଆଜୀବନ କାରାଦଣ୍ଡାଦେଶ

କେନ୍ଦ୍ରାପଡ଼ା,(ପି.ଏନ) : ଜନୈକ ନାବାଳିକାକୁ ଅପହରଣ ଓ ଯୌନ ନିର୍ଯ୍ୟାତନା ଦେବା ଅପରାଧରେ ଅଭିଯୁକ୍ତ ପ୍ରଦିପ ଓଝା ଓରଫ ହୁଦା ଓରଫ ପଦିଆକୁ କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ଜଜ୍ ତ୍ରିବିକ୍ରମ କେଶରୀ ଚିନ୍ନାରା ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଅଭିଯୋଗ ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଷୋଟି ଅ□ଳର ଜନୈକ ବ୍ୟକ୍ତିଙ୍କ ଘରେ ଜଗତସିଂହପୁର ଜିଲ୍ଲାର ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଡିଙ୍କିଆ ଗ୍ରାମର ମାଧବ ଓଝାଙ୍କ ପୁଅ ପ୍ରଦିପ ଓଝା ଓରଫ ହୁଦା ଓରଫ ପଦିଆ(୩୪) ଚାକିରୀଆ ଭାବେ କାର୍ଯ୍ୟ କରୁଥିଲା। ସେହି ବ୍ୟକ୍ତିଙ୍କ ନାବାଳିକା ଝିଅ ତଥା ୯ମ ଶ୍ରେଣୀର ଛାତ୍ରୀକୁ ଚାକର ପ୍ରଦିପ ସବୁଦିନେ କଜଳାକୁ ଟ୍ୟୁସନରେ ଛାଡିବାକୁ ନେଇ ଯାଇଥାଏ। ଗତ ୨୦୧୪ ମସିହା ମଇମାସ ୨୯ତାରିଖରେ ସଂପୃକ୍ତ ନାବାଳିକାକୁ ପ୍ରଦିପ ଏକ ବାଇକ ଯୋଗେ ଟ୍ୟୁସନରେ ଛାଡିବାକୁ ନେଇଥିଲା। କିନ୍ତୁ ସେ ଆଉ ନଫେରିବାରୁ ଏବଂ ନାବାଳିକାକୁ ଫେରାଇବା ପାଇଁ ପ୍ରଦିପ ୩ଲକ୍ଷ ଟଙ୍କା ଦାବି କରିଥିବା ନେଇ ସଂପୃକ୍ତ ନାବାଳିକାର ବାପା କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଆଧାର କରି ସଦର ଥାନାରେ କେଶ ନମ୍ବର ୧୦୬/୨୦୧୪ରେ ଏକ ନାବାଳିକା ଅପହରଣ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ଆରମ୍ଭ କରିବା ପରେ ଏକ ବିଶେଷ ସୁତ୍ରରୁ ଖବର ପାଇ ପୁରୀ ଜିଲ୍ଲାର ନିମାପଡା ଥାନା ଅନ୍ତର୍ଗତ ଖିଲାରରୁ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପ୍ରଦିପକୁ ଗିରଫ କରି କେନ୍ଦ୍ରାପଡାକୁ ଆଣିଥିଲେ।

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଢକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଢକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ମୋ ଓଡ଼ିଶା

## ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ୨୦୨୧-୨୨ ଖରିଫ ଋତୁପାଇଁ ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା ସ୍ୱାଗତ ଅଭିଭାଷଣ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କୃଷି ପ୍ରଧାନ କେନ୍ଦ୍ରାପଡା ଜିଲ୍ଲାର ମୁଖ୍ୟ ଫସଲ ହେଉଛି ଧାନ। ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନେ ଚାଷୀଙ୍କଠାରୁ ଧାନକ୍ରୟ ନିମନ୍ତେ ସୁବ୍ୟବସ୍ଥା କରିବା ସହ ତାହାକୁ ଗଚ୍ଛିତ ରଖିବା ସମୟରେ ଯତ୍ନଶୀଳ ହେବା ପାଇଁ ମତପ୍ରକାଶ ପାଇଥିଲା । ଜିଲ୍ଲା ସ୍ତରୀୟ ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ଏକ ସ୍କ୍ୱାର୍ଡ କମିଟି ଗଠନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଧାନକ୍ରୟ କମିଟିର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିବା ବେଳେ ଉପଜିଲାପାଳଙ୍କ ନେତୃତ୍ୱରେ ଗଠିତ ନିରୀକ୍ଷଣ କମିଟି ଧାନକ୍ରୟ ବ୍ୟବସ୍ଥାକୁ ନିରନ୍ତର ନିରୀକ୍ଷଣ କରିବେ। ଗତ କେ.ଏମ.ଏସ. ୨୦୨୧-୨୨ ବର୍ଷରେ ୧୧୮ଟି ପ୍ୟାକ୍ସ ଜରିଆରେ ୨୪ହଜାର ୬୩୫ଜଣ ଚାଷୀଙ୍କଠାରୁ ୯ଲକ୍ଷ ୯୫ହଜାର ୫୮୮. ୨୪ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିବା ବେଳେ ଖରିଫ ଋତୁ ୨୦୨୧-୨୨ ବର୍ଷରେ ୮୦ଲକ୍ଷ ମେଟ୍ରିକ ଟନ୍ ଧାନ ଚାଷୀଙ୍କଠାରୁ କ୍ରୟ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ କରାଯାଇଛି । ଅନ୍ ଲାଇନ ଦରଖାସ୍ତ ପଞ୍ଜିକୃତ କରିଥିବା ୪୦ହଜାର ୫୯୭ଜଣ ଚାଷୀଙ୍କ ମଧ୍ୟରୁ ବୈଧ ୪୦ହଜାର ୨୬୨ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଡିସେମ୍ବର ୨୪ତାରିଖ ଠାରୁ ରାଜନଗର, ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକରୁ ଧାନକ୍ରୟ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଡିସେମ୍ବର ୨୯ତାରିଖ ଠାରୁ ଅନ୍ୟ ବ୍ଲକ ଗୁଡିରେ ମଣ୍ଡି ଖୋଲି ଏବର୍ଷ ପ୍ରତ୍ୟେକ ରବିବାର ମଣ୍ଡି ଖୋଲା ରହିବ । ଚାଷୀମାନେ ଯେତେବେଳେ ଚାହିଁବେ ସେହି ସବୁ ମଣ୍ଡିରେ ଧାନ ଦେଇପାରିବେ । ସାଧାରଣ ଏଫ୍.ଏ.କ୍ୟୁ. ଧାନ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପ୍ରତି ୧୯୬୦ଟଙ୍କା ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି । କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଚାଷୀମାନଙ୍କ ସଚେତନତା ପାଇଁ ମୁଦ୍ରିତ ଗଣମାଧ୍ୟମ, ଓଡିଆ ବ୍ୟାନର ଓ ପ୍ରଚାର ରଥ ପରିକ୍ରମା ମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାର କରିବେ । ଧାନସଂଗ୍ରହ ବେଳେ କୋଭିଡ କଟକଣା ଅନୁପାଳନ କରଯିବ । ସମିତି ସ୍ତରୀୟ ଧାନସଂଗ୍ରହ କମିଟିରେ ଆର୍.ଆଇ., ଭି.ଏ.ଡବ୍ଲ୍ୟୁ, ଇ.ଓ. ଓ ୩ଜଣ ଚାଷୀ ସଭ୍ୟ ରହିବେ । ସେଣ୍ଟ୍ରାଲ ସର୍ଭର ମାଧ୍ୟମରେ ଆଡଭାନ୍ସ ଟୋକନ ଜେନେରେଟ ହେବାର ୩୦ଦିନ ମଧ୍ୟରେ ଚାଷୀ ଧାନ ବିକ୍ରୟ କରିବେ । ଜଣେ ପଞ୍ଜିକୃତ ଚାଷୀ ୧୯୬୭କୁ ଡାୟଲ କଲେ ଟୋକନ ଷ୍ଟାଟସ, ଜମି ପରିମାଣ ଓ ପେମେଣ୍ଟ ଷ୍ଟାଟସ ଜାଣିପାରିବେ । ୪୮ଘଣ୍ଟା ମଧ୍ୟରେ ପଞ୍ଜିକୃତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପେମେଣ୍ଟ ଦିଆଯିବ । ଏହି ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲା, ମହାକାଳପଡା ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଏ.ଆର.ସି.ଏସ., ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତଙ୍କ ସମେତ ମିଲର ପ୍ରତିନିଧି ଏବଂ ବିଭିନ୍ନ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡିସେମ୍ବର ୫ରେ କୋଣାର୍କ ସାହିତ୍ୟ ଆସର

କୋଣାକ (ପିଏନ୍): କୋଣାର୍କ ଉତ୍ସବ-୨୦୨୧ ଅବସରରେ ଆସନ୍ତା ଡିସେମ୍ବର ୫ତାରିଖରେ 'କୋଣାର୍କ ସାହିତ୍ୟ ଆସର' ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେବ। କୋଣାର୍କ ସାହିତ୍ୟ ସଂସଦ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସାରସ୍ୱତ ଉତ୍ସବରେ ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରାଯିବ। ଚଳିତବର୍ଷ ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କୁ ଧରମା ସମ୍ମାନ, ରାଜ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା କବି ରଂଜନ କୁମାର ଦାସଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, କବୀ ତଥା ଗବେଷିକା ଡ. ଜୟନ୍ତୀ ରଥଙ୍କୁ ଅର୍କପ୍ରଜ୍ଞା ସମ୍ମାନ, ପର୍ଯ୍ୟଟନ ବିଭାଗର ପ୍ରାକ୍ତନ ନିର୍ଦ୍ଦଶକ ବିରଂଚି ମିଶ୍ରଙ୍କୁ କୋଣାର୍କ ଉତ୍ସବ ସମ୍ମାନ, କବି ରତ୍ନାକର ବେହେରା(ସର୍ବଗିଳା)ଙ୍କୁ ବ୍ୟଙ୍ଗସୂର୍ଯ୍ୟ ସମ୍ମାନ, ପଟ୍ଟଚିତ୍ର ଶିଳ୍ପୀ ବବିତା ସାହୁଙ୍କୁ କୋଣାର୍କ କଳା ସମ୍ମାନ, କବୟିତ୍ରୀ ରତ୍ନପ୍ରଭା ବାଇଙ୍କୁ ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, କୋଣାର୍କ ନାଟ୍ୟମଣ୍ଡପର ଗୁରୁ ଜୟକୃଷ୍ଣ ନାୟକଙ୍କୁ ଅର୍କସ୍ୱର ସମ୍ମାନ ଓ ସମାଜସେବୀ ହରିଶ୍ଚନ୍ଦ୍ର ଦାଶଙ୍କୁ କୋଣାର୍କ ସେବା ସମ୍ମାନ ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି। ପର୍ଯ୍ୟଟନ ବିଭାଗର କୋଣାର୍କ ମୁକ୍ତାକାଶ ରଂଗମଂଚ ପରିସରରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ସାହିତ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, ଲେଖକ ଓ ସାହିତ୍ୟପ୍ରେମୀ ଯୋଗଦେଇ ଆଲୋଚନା, ଅଣୁ ଗଳ୍ପ ଓ କବିତାପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥର ଆଲୋଚନାର ଶୀର୍ଷକ ରଖାଯାଇଛି 'ସମକାଳୀନ ସାହିତ୍ୟର ଭାଷା'। ସାହିତ୍ୟ ଉତ୍ସବ ପରିବେଶରେ ବର୍ଣ୍ଣାଳୀ ଶତପଥୀ ଚିତ୍ରକଳା ପ୍ରଦର୍ଶନ କରିବେ।

## ସଫଳ ନିଟ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ




ଭୁବନେଶ୍ୱର (ପିଏନ୍): ଟ୍ୱିନ୍ ସିଟରେ ଥିବା ବେଂଚ୍‌ଅଁମାର୍କ କ୍ଲାସେସ୍‌ର ଛାତ୍ରଛାତ୍ରୀ ନିଟ୍-୨୦୨୧ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ଏଥିରେ ସର୍ବାଧିକ ନମ୍ବର ରଖିଥିବା ୯ଜଣ ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱର ସତ୍ୟନଗରସ୍ଥିତ ବେଂଚ୍‌ଅଁମାର୍କ କ୍ଲାସେସ୍‌ର କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିନେଇ ସ୍ୱତନ୍ତ୍ର ଉତ୍ସବରେ ବିଧାୟକ ସୁରେଶ କୁମାର ରାଉତରାୟ ଓ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଭାନୁପ୍ରିୟା ଦାସ, ରାଜେନ୍ଦ୍ର ସମର୍ଥା, କିଟ୍‌ର ନିର୍ଦ୍ଦେଶକ କୁମାର ମହାନ୍ତି, ଶିକ୍ଷାବିତ୍ ଡ଼ ଦେବସ୍ମିତା ସାହୁ, ଅନୁଷ୍ଠାନର ଅଧ୍ୟକ୍ଷ ରୋଟାରିୟାନ ପ୍ରସନ୍ନ ଚୌଧୁରୀ ଓ ଦୀପକ ବିଶ୍ୱାଳ, ସମସ୍ତ ଅଧ୍ୟାପକ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଶ୍ରେଷ୍ଠ ଚଳିତବର୍ଷ ଅନୁଷ୍ଠାନର ୨୪୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪ଜଣ ୬୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୬୩ଜଣ ୫୬୦ରୁ ଅଧିକ ନମ୍ବର ରଖିବାରେ ସଫଳ ହୋଇଛନ୍ତି। ଉନ୍ନତମାନର ଶିକ୍ଷାପଦ୍ଧତି ଓ ଅଭିଜ୍ଞ ଅଧ୍ୟାପକଙ୍କ ପ୍ରଚେଷ୍ଟା ଛାତ୍ରଛାତ୍ରୀମାନଙ୍କର ଡ଼ାକ୍ତର ହେବାର ସ୍ୱପ୍ନକୁ ସାକାର କରିପାରିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କର ୯୬ତମ ଜନ୍ମବାର୍ଷିକ ପାଳିତ




କୋଣାର୍କ (ପିଏନ୍)-ନଭେମ୍ବର ୨୩ ତାରିଖ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କର ୯୬ତମ ଜନ୍ମଜୟନ୍ତୀ ସତ୍ୟସାଇ ସେବା ସମିତି, କୋଣାର୍କ ଆନୁକୂଲ୍ୟରେ ପାଳିତ ହେଉଛି । ଏହି ଅବସରରେ କୋଣାର୍କର ଅର୍କବିହାର ସ୍ଥିତ ଶ୍ରୀ ସତ୍ୟସାଇ ବାବାଙ୍କ ମନ୍ଦିର ପରିସରରେ ସାଇପ୍ରେମୀ ଭକ୍ତମାନଙ୍କ ପକ୍ଷରୁ ପ୍ରାତଃ ୪ଟାରେ ଓଁକାର ଧ୍ୱନୀ, ସୁପ୍ରଭାତ, ୫ଟାରେ ନଗରକିର୍ତ୍ତନ, ୬ଟାରେ ମଙ୍ଗଳ ବାଦ୍ୟ, ୭ଟାରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା, ୭ଟା ୩୦ରେ ପ୍ରଶାନ୍ତି ପତାକା ଉତ୍ତୋଳନ, ୯ଟା ୩୦ରେ ସାଇ ଗାୟତ୍ରୀ ଓ ଭଜନ, ୧୦ଟାରେ ଜ୍ୟୋତି ଆବହନ, ଦିନ ୧୦ଟା ୩୦ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ସତସଙ୍ଗ, ମଧ୍ୟାହ୍ନ ୧୨ରେ ନାରାୟଣ ସେବା, ୧୨ଟା ୪୫ରେ ବସ୍ତ୍ରଦାନ, ଅପରାହ୍ନ ୪ଟାରେ ଜ୍ୟୋତି ଯାତ୍ରା ପୂର୍ଣ୍ଣାହୁତି, ୪ଟା ୪୫ରେ ପ୍ରଶାନ୍ତି ପତାକା ଅବତରଣ, ସନ୍ଧ୍ୟା ୫ଟାରେ ଦୀପଦାନ, ୬ଟାରେ ଭଜନ, ୬ଟା ୩୦ରେ ଦିବ୍ୟ ସମ୍ଭାଷଣ, ୭ଟାରେ ଶ୍ରଦ୍ଧାଳୁଙ୍କ ମୁହଁରୁ ସାଇବାବାଙ୍କ ଅନୁଭୂତି, ୭ଟା ୩୦ରେ ଆରତି ଅନୁଷ୍ଠିତ ହୋଇଥିବା ବେଳେ ରାତି ୮ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କରାଯାଇଥିଲା । ବାବାଙ୍କ ମନ୍ଦିର ପରିସରରେ ଏକ ଶହରୁ ଅଧିକ ଅସହାୟ ବୃଦ୍ଧବୃଦ୍ଧା ନାରାୟଣମାନଙ୍କୁ ଅନ୍ନ ବସ୍ତ୍ର ପ୍ରଦାନ କରାଯାଇଥିବା ବେଳେ ଶତାଧିକ ଭକ୍ତମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମସ୍ତ ସାଇପ୍ରେମୀ ଭକ୍ତମାନେ ପରିଚାଳନା କରିଥିଲେ ।

## ନଭେମ୍ବର ୨୫ରୁ କଂଗ୍ରେସର ଜନଜାଗରଣ ଅଭିଯାନ

ରାଉରକେଲା (ପିଏନ୍) : ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତିକ୍ରମେ ଚଳିତ ମାସ ତା-୨୫.୧୧.୨୧ ରିଖ ଠାରୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଜନଜାଗରଣ ଅଭିଯାନ ଆରମ୍ଭ କରାଯିବ । ଏହି ଅଭିଯାନ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ନିମନ୍ତେ ଗତ ୨୩ ତାରିଖରେ ଏକ ଜରୁରୀ ବୈଠକ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସମ୍ପ୍ରତି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି, ଉତ୍କଟ ବେକାରୀ ସମସ୍ୟା, କୃଷକମାନଙ୍କ ବିଭିନ୍ନ ସମସ୍ୟା ଓ କୃଷକ ଆନ୍ଦୋଳନ, ନାରୀ ନିର୍ଯ୍ୟାତନା ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି, କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି ତଥା କେନ୍ଦ୍ର ଓ ରାଜ୍ୟ ସରକାର ରାଉରକେଲା ପ୍ରତି କରୁଥିବା ଚରମ ଅବହେଳା ସମ୍ପର୍କରେ ବୈଠକରେ ବିଶଦ ଆଲୋଚନା କରାଯାଇ ଏ ସମସ୍ତ ପ୍ରସଙ୍ଗକୁ ରାଉରକେଲା ବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ନଭେମ୍ବର ୨୫ ତାରିଖ ଗୁରୁବାର ଦିନ ପାନପୋଷ ସ୍ଥିତ ଗାନ୍ଧୀ ଛକରେ ଅପରାହ୍ନ ୪ଘଟିକା ଠାରେ ଆରମ୍ଭ କରାଯାଇ ଦୀର୍ଘ ୫ ଦିନ ବ୍ୟାପି ରାଉରକେଲା ମହାନଗର ନିଗମ ଅଞ୍ଚଳ ଓ ଇସ୍ପାତ ସହରାଞ୍ଚଳରେ ଜାରି ରହିବ । ଏହି ସମୟ ମଧ୍ୟରେ ଉଭୟ ରାଉରକେଲା ଓ ଇସ୍ପାତ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ୩୩ଟି ସଭା କରାଯିବା ସହିତ କେତେକ ସ୍ଥାନରେ ପଦଯାତ୍ରା ମଧ୍ୟ ଅନୁଷ୍ଠିତ ହେବ । ଏହି ବୈଠକରେ କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ଉପସଭାପତି ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାନ୍ତି, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତ'ୀ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜାଫର ନୁମାନ, ପ୍ରତାପ ବେହେରା, ରଘୁନାଥ ଦାସ, ସୁନୀଲ ପଟ୍ଟନାୟକ, ସାହିର ହୁସେନ ଓ ଧୁସା ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଜନଜାଗରଣ ଅଭିଯାନକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହି ଅବସରରେ ସଦ୍ୟସମାପ୍ତ ଇସ୍ପାତ କାରଖାନାର ସ୍ୱୀକୃତି ନିର୍ବାଚନରେ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍‌ର ମିଳିତ ମେଣ୍ଟ ବିପୁଳ ଭୋଟ୍‌ରେ ବିଜୟୀ ହୋଇଥିବାରୁ ଉଭୟ ଶ୍ରମିକ ସଙ୍ଗଠନକୁ ଅଭିନନ୍ଦନ ଜଣାଇ ପ୍ରସ୍ତାବ ପାରିତ ହୋଇଥିଲା । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ତୁଳସୀ ନାଗ, ଶଙ୍କର ଅଗ୍ରୱାଲ, ଏମ୍‌ଡି ନଜମୁଦ୍ଦିନ, ସମ୍ପାଦକ ରାଜେନ୍ଦ୍ର ପ୍ରସାଦ, ରବୀନ୍ଦ୍ର ଦାସ, ଅସଲାମ ପରଭେଜ, ସରିତା କୁଲୁ, ରୁକସାନା ବେଗମ, ପ୍ରତିମା ପାଣିଗ୍ରାହୀ, ଅମ୍ରିତ କୌର, ଦିଲ୍ଲୀପ ଜେନା, ମହିଳା କଂଗ୍ରେସ ରାଜ୍ୟ ସମ୍ପାଦିକା ଲତା ନାୟକ, କୃଷକ କଂଗ୍ରେସର ସଭାପତି ମନମୋହନ ଓରାମ, ରତିକାନ୍ତ ମଲ୍ଲିକଙ୍କ ସମେତ ଅନୁପ ସାହୁ, ଶ୍ୟାମ ସାଗର, ଉମେଶ ବେହେରା, ଶରତ ବେହେରା, ଏମ୍‌ଡି ଜୁଲଫିକର, ରେହେମାନ ଖାନ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ସରିତା ଟପ୍ପୋ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିବା ବେଳେ ଭାସ୍କର ଖିଲ୍ଲାର ଧନ୍ୟବାଦ ଦେଇଥିଲେ ବୋଲି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

## ଗୁରୁଚରଣ ପଟ୍ଟନାୟକ ଶ୍ରଦ୍ଧାର୍ପଣ ସଭା




ଭୁବନେଶ୍ୱର (ପିଏନ୍)–ଓଡ଼ିଶାର ପ୍ରଥମ କମ୍ୟୁନିଷ୍ଟ, କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ବିପ୍ଳବୀ ଗୁରୁଚରଣ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା ଗତକାଲି ସନ୍ଧ୍ୟାରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସିପିଆଇ ନେତା ଦିବାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାର୍ପଣ ସଭାରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ, ସହସମ୍ପାଦକ ଡଃ ପ୍ରଶାନ୍ତ ମିଶ୍ର, କ୍ଷୀରୋଦ ସିଂହଦେଓ ଓ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଗୁରୁଚରଣ ପଟ୍ଟନାୟକଙ୍କ ତ୍ୟାଗ ଓ ସଂଗ୍ରାମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ– ଯେଉଁ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା, ସେହିବର୍ଷ ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ ଓ ଭଗବତୀଚରଣ ପାଣିଗ୍ରାହୀ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରିଥିଲେ ଏବଂ ଏହି କମ୍ୟୁନିଷ୍ଟ ପାର୍ଟି ପରାଧୀନ ଭାରତରେ ବ୍ରିଟିଶ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ଗୌରବୋଜ୍ଜ୍ୱଳ ଭୂମିକା ନିର୍ବାହ କରିବା ସଙ୍ଗେ ସଙ୍ଗେ କମ୍ୟୁନିଷ୍ଟ ନେତାମାନେ ଦେଶୀୟ ରାଜ୍ୟ ବା ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେବା ସହିତ ଓଡ଼ିଶାରେ ପ୍ରଥମ ଛାତ୍ର ସଂଗଠନ ଏଆଇଏସଏଫ, ପ୍ରଥମ କୃଷକ ସଂଗଠନ ଏଆଇକେଏସ୍, ଏବଂ ପ୍ରଥମ ଶ୍ରମିକ ସଂଗଠନ ଏଆଇଟିୟୁସି ପ୍ରତିଷ୍ଠା କରିଥିଲେ। ଗୁରୁଚରଣ ପଟ୍ଟନାୟକ ଥିଲେ ଭାରତବର୍ଷର ଅନ୍ୟତମ ବିଶିଷ୍ଟ ମାର୍କ୍ସବାଦୀ ତତ୍ତ୍ୱବିତ୍ ଏବଂ ତାଙ୍କ ଲିଖିତ ''କମ୍ୟୁନିଜିମ୍ କ'ଣ'' ଅଧିକାଂଶ କମ୍ୟୁନିଷ୍ଟଙ୍କର ଆଦ୍ୟ ପୁସ୍ତକ ଥିଲା। ତାଙ୍କର ଅନ୍ୟତମ ଶ୍ରେଷ୍ଠ କୃତୀ 'ଜଗତ ଦର୍ଶନରେ ଜଗନ୍ନାଥ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଏହି ସମାରୋହରେ ସିପିଆଇ ଜୋନ ସମ୍ପାଦକ ସୁର ଜେନା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଜୟନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମିୟ ମହାନ୍ତି ଓ 'ନୂଆ ଦୁନିଆ'ର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଶ୍ରଦ୍ଧା ନିବେଦନ କରିଥିଲେ।

## ୟୋର୍ସ ହୋପ ଫାଉଣ୍ଡେସନ ପକ୍ଷରୁ ଚିକିତ୍ସାଳୟ ପରିସରରେ ରନ୍ଧାଖାଦ୍ୟ ବଂଟନ

ଖୋର୍ଦ୍ଧା (ପିଏନ)– ଖୋର୍ଦ୍ଧା ସଦର ମହକୁମାର ଗୋପବନ୍ଧୁ ମୁଖ୍ୟ ଚିକିତ୍ସାଳୟ ପରିସରରେ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୋର୍ସ ହୋପ ଫାଉଣ୍ଡେସନ ପକ୍ଷରୁ ବିନା ମୂଲ୍ୟରେ ରନ୍ଧାଖାଦ୍ୟ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକର୍ତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷା ରିନାରାନୀ ନାୟକ, ସମାଜସେବୀ ଲଳିତମୋହନ ମହାପାତ୍ର, ବାସୁଦେବ ବେହେରା ଓ ତ୍ରିନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ୩ ଶହରୁ ଉର୍ଦ୍ଧ ଚିକିତ୍ସାଳୟର ଅନ୍ତେବାସୀଙ୍କୁ ଖାଦ୍ୟ ବଂଟନ କରିଥିଲେ। ରଂଜନ ନାୟକ, ସନ୍ତୋଷ ନାୟକ, ସୁବାସ ବେହେରା,ଶିବ ପ୍ରସାଦ ବିଶ୍ୱାଳ, ମାନଗୋବିନ୍ଦ ଭଂଜ, ମନୋରଂଜନ ବିଜୟସିଂ ଓ ସୁବ୍ରତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମଟି ପ୍ରତ୍ୟେକ ରବିବାର ଦିନ ଚାଲୁ ରହିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷା ପ୍ରକାଶ କରିଛନ୍ତି।

## ଜଙ୍ଗଲୀ ବାରହା ଆକ୍ରମଣରେ ୨ ଆହତ



ଖୋର୍ଦ୍ଧା (ପିଏନ)–ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ମାଣିବନ୍ଧ ଗ୍ରାମର ଭାଗ୍ୟଧର ନାୟକ (୫୦) ଡାବରଧୂଆ ପୋଖରୀରୁ ଗାଧୋଇ ସାରି ନିଜ ଘରକୁ ଫେରୁଥିବା ସମୟରେ ଜଙ୍ଗଲୀ ବାରହା ଅତର୍କିତ ଭାବରେ ଆକ୍ରମଣ କରି ବାମ ପଟ ଜଂଘକୁ ଦାନ୍ତରେ ଭୁଷିଦେଇ ଲହୁଲୁହାଣ କରି ଦେଇଥିଲା । ପରେ ଗ୍ରାମର ପୂର୍ବତନ ସରପଂଚ ହରିବନ୍ଧୁ ରଣସିଂହଙ୍କୁ ଆକ୍ରମଣ କରିବା ସମୟରେ ସେ ତଳେ ପଡି ଖଣ୍ଡିଆଖାବରା ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଶ୍ରୀ ନାୟକଙ୍କୁ ୧୦୮ ଆମ୍ବୁଲାନସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଶ୍ରୀ ରଣସିଂହଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା।

## ନିଖିଳ ଉତ୍କଳ ବାରିକ ସମିତିର ବୈଠକ

ଖୋର୍ଦ୍ଧା (ପିଏନ)– ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ଗ୍ରାମର ମା ଖଣ୍ଡୁଆଳ ମନ୍ଦିର ପରିସରରେ ନିଖିଳ ଉତ୍କଳ ବାରିକ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ରାଜ୍ୟ ସଭାପତି ହେମନ୍ତ କୁମାର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୁରୀ ଜଡା ମଠର ଉପଦେଷ୍ଟା ଜଗନ୍ନାଥ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବାରିକ ସମାଜର ଉନ୍ନତି ନିମିତ ସଂଘ ଦେଇ ସରକାରଙ୍କୁ ଏକ ଦାବୀ ପତ୍ର ପ୍ରଦାନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା । ସଭାର ପ୍ରାରମ୍ଭରେ ଜିଲ୍ଲା ସଭାପତି ସ୍ୱର୍ଗତଃ କୈଳାସ ଚନ୍ଦ୍ର ବାରିକଙ୍କ ଆତ୍ମାର ସଦ୍‌ଗତି ନିମିତ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।ସଭାରେ ସମ୍ପାଦକ ରଂଜନ ବାରିକ ଯୁଗ୍ମ ଉପସଭାପତି ରାଜକିଶୋର ବାରିକ, ନକୁଳ ବାରିକ, ସଭ୍ୟ ପ୍ରସନ ବାରିକ ପ୍ରଫୁଲ ବାରିକ, ଧ୍ୱଜ ବାରିକ ଜଗନ୍ନାଥ ବାରିକ, ପ୍ରଦୀପ ବାରିକ ଓ କୃଷ୍ଣ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ସମସ୍ୟାର ସମାଧାନ ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସଭ୍ୟ ବନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଦର ଦାମ୍ ବୃଦ୍ଧି ବିରୋଧରେ ଧର୍ମଶାଳା ମହିଳା ବିଜେଡ଼ିର ଗଣଧାରଣା

ଧର୍ମଶାଳା, (ପିଏନ୍): ରନ୍ଧନ ଗ୍ୟାସ୍ ସମେତ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ୍ ବୃଦ୍ଧି ବିରୋଧରେ ଧର୍ମଶାଳା ବ୍ଲକ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ନିର୍ବାଚନ ମଣ୍ଡଳୀ ମହିଳା ସଭାନେତ୍ରୀ ରେଣୁବାଳା ଶତପଥୀ, ଧର୍ମଶାଳା ବ୍ଲକ ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦିକା ମମତା ଦଣ୍ଡପାଟ, ଜିଲ୍ଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଯତିନ୍ଦ୍ର ପ୍ରଧାନ, ଗାର୍ଲସ ୱିଙ୍ଗ୍ ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲିକ, ସାଧାରଣ ସମ୍ପାଦକ ସାଇନା ଖାତୁନ୍, ସୁବ୍ରତ ଧଳ, ଅରୁପ ନାରାୟଣ ପ୍ରସାଦ, ବନଜିନୀ ପରିଡା, ମନୋଜ କୁମାର ସାମଲ, ଅୟସକାନ୍ତ ରାଉତ, ଶରତ କୁମାର ବାରିକ, ସ୍ମୃତିରେଖା ବେହେରା, ଶୁଭସ୍ମିତା ଧଳ ଓ ବିଜେଡି ନେତ୍ରୀ ମୋନାଲିସା ଦାଶ ଯୋଗଦେଇ ରନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି ବିରୁଦ୍ଧରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହିତ ବଢିଥିବା ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦରକୁ ତୁରନ୍ତ ହ୍ରାସ ନକଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି କରିଥିଲେ । ମହିଳା କର୍ମୀମାନେ ଗ୍ୟାସ୍ ଟାଙ୍କି ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଧର୍ମଶାଳା ବିଡିଓ ଅରବିନ୍ଦ ବେହେରାଙ୍କୁ ଏ ସଂପର୍କିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସାହୁ, ଜିଲ୍ଲା ବିଜେଡ଼ି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ବରିଷ୍ଠ ବିଜେଡି ନେତା ସନ୍ତୋଷ କୁମାର ଜେନା, ନିରଂଜନ ବଳ, ସଂଗ୍ରାମ କେଶରୀ ଜେନା, ଯୁବନେତା ରାକେଶ ନାୟକ, ପ୍ରତାପ କୁମାର ପ୍ରଧାନ ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ ।

## ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ଘଟଣା : ଟାଙ୍ଗି ବ୍ଲକ ଆଗରେ ବିଜେଡିର ବିକ୍ଷୋଭ



ଖୋର୍ଦ୍ଧା,(ପି.ଏନ): ହାଣ୍ଡିଶାଳରେ ଗୃହିଣୀଙ୍କୁ କନ୍ଦାଇଲାଣି ଗ୍ୟାସ ଦର ।କେନ୍ଦ୍ରରେ ନେତୃତ୍ୱାଧିନ ଭାଜପା ସରକାରଙ୍କ ତୃଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ରନ୍ଧନର ଅହେତୁକ ଦରବୃଦ୍ଧି ଏବେ ସମସ୍ତ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କଲାଣି । ତେବେ ଏହାକୁ ବିରୋଧ କରି ବୁଧବାର ପୂର୍ବାହ୍ନରେ ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଖୋର୍ଦ୍ଧା ନିର୍ବାଚନୀମଣ୍ଡଳୀ ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା କରାଯାଇଛି । ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ପରିଡାଙ୍କ ନେତୃତ୍ୱରେ ରାଜ୍ୟ ସଭା ସାଂସଦ ମୁନା ଖାଁ, ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ କୁମାର ଦଳେଇ, ଜିଲ୍ଲା ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ଯୁବ ବିଜେଡି ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ, ବିସିଜେଡି ରାଜ୍ୟ ସମ୍ପାଦକ ନସିମ ଖାନ, ବ୍ଲକ ଅଧ୍ୟକ୍ଷ ବିଜୟ ଜେନା, ବିଜୁ ମହିଳା ଜନତା ଦଳର ସଭାପତି ଗୀତାଞ୍ଜଳୀ ପାଟ୍ଟଶାଣୀ, ଜିଲ୍ଲାପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ଯୁବ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ସ୍ୱାଇଁ, ଉପସଭାପତି ବିଶ୍ୱାସ ରଞ୍ଜନ ଦାସ, ବଡପୋଖରୀଆ ସରପଂଚ ସାଗର ବଳିୟାରସିଂହ, ଜିଲ୍ଲା ଉପସଭାପତି କିଶୋର ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ରସରକାରଙ୍କ ଭୁଲ ଅର୍ଥନିତୀ ଯୋଗୁ ରନ୍ଧନଗ୍ୟାସ ଦର ବେଲଗାମ ହେଲାଣି ବୋଲି କହିଥିଲେ ।୨୦୧୪ ଫେବୃୟାରୀରେ ଲୋକେ ରନ୍ଧଗ୍ୟାସ ସିଲିଣ୍ଡର ପିଛା ୪୧୪ଟଙ୍କାରେ କିଣୁଥିଲେ ।କିନ୍ତୁ ବର୍ତମାନ ଏହା ୯୨୬ଟଙ୍କାରେ ପହଁଚିଛି । ଯାହାକି ୧୨୩ପ୍ରତିଶତ ବୃଦ୍ଧିପାଇଛି । ଯାହା କେନ୍ଦ୍ର ସରକାରଙ୍କ ଅକ୍ଷମତା କୁ ପରିପ୍ରକାଶ କରୁଛି । ବରଂ ନିଜର ଦୋଷ ଲୁଚାଇବାକୁ ଯାଇ ରାଜ୍ୟ ନେତୃବୃନ୍ଦ ଗ୍ୟାସ ମୂଲ୍ୟବୃଦ୍ଧିକୁ ଯର୍ଥାର୍ଥ କହିବା ହାସ୍ୟାସ୍ପଦବୋଲି ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ । ସେହିପରି କରୋନା ମହାମାରୀ ୨ବର୍ଷ ହେବ ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଥିବାବେଳେ କେନ୍ଦ୍ର ସରକାରଙ୍କ ମହଙ୍ଗା ମାଡ ବେଡି ଉପରେ କରୋନା ମାଡ ସଦୃଶ ହୋଇଛି । ୨୦୧୬-୧୭ରେ ଘରୋଇ ଏଲପିଜି ରନ୍ଧନ ଗ୍ୟାସ(୧୪.୨କେଜି)ର ମୂଲ୍ୟ ୫୪୯.୬୯ଟଙ୍କା ରହିଥିବାବେଳେ ୨୦୧୭-୧୮ରେ ୬୫୩.୪୬ଟଙ୍କା, ୨୦୧୮-୧୯ରେ ୭୬୮.୧୨ଟଙ୍କା ରହିଥିଲା । ୨୦୧୯-୨୦ରେ ୬୯୪.୭୩ ଏବଂ ୨୦୨୦-୨୧ରେ ୬୯୫.୧୫ଟଙ୍କା ରହିଥିଲା । ମାତ୍ର ୨୦୨୧ ନଭେମ୍ବର ସୁଦ୍ଧା ଏହା ବୃଦ୍ଧି ହୋଇ ୯୨୬ଟଙ୍କାରେ ପହଁଚିଛି ବୋଲି ବକ୍ତମାନେ କହିଥିଲେ ।ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧି ଗୃହିଣୀଙ୍କ ହାଣ୍ଡିଶାଳ ଉପରେ ଶକ୍ତଧକ୍କା ଦେଇଛି ।ଗୋଟିଏ ପାର୍ଶ୍ୱରେ କରୋନା ଏବଂ ଅନ୍ୟ ପାର୍ଶ୍ୱରେ ବେଳକୁ ବେଳ ଗ୍ୟାସ ର ମୂଲ୍ୟବୃଦ୍ଧି ଫଳରେ ଗୃହିଣୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ତେଣୁ ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ଗ୍ୟାସ ଦରରେ ନିୟନ୍ତ୍ରଣ ନକରନ୍ତି, ତହାଲେ ମହିଳା ଜନତା ଦଳ, ଛାତ୍ର ବିଜେଡି, ଯୁବ ବିଜେଡି ପ୍ରମୁଖ ପୁର ପଲୀରୁ ଆରମ୍ଭ କରି ଦିଲୀ ପର୍ଯ୍ୟନ୍ତ ଏ ଆନ୍ଦୋଳନକୁ ନେବେ ବୋଲି ଜିଲ୍ଲା ଯୁବ ସଭାପତି ଶ୍ରୀ ପରିଡା କହିଛନ୍ତି ।ପରେ ସାଂସଦ ଶ୍ରୀ ଖାଁ ଏବଂ ସ୍ଥାନୀୟ ବିଧାୟକ ଶ୍ରୀ ମିତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିସିଜେଡି ଡିଜିଟାଲ ସେକ୍ରେଟାରୀ ଗୌତମ ମିଶ୍ର, ଟାଙ୍ଗି ବ୍ଲକର ବିଭିନ୍ନ ପଂଚାୟିର ସରପଂଚ, ସମିତିସଭ୍ୟ ପ୍ରମୁଖଙ୍କ ସମେତ ବହୁ ମହିଳାମାନେ ସାମିଲ ହୋଇଥିଲେ ।

## ନିରାଡମ୍ବର ଭାବେ କୋଭିଡ କଟକଣା ମଧ୍ୟରେ ପୂଜା ପାଇଲେ ମା’

କେନ୍ଦୁଝର,(ପି.ଏନ): ପବିତ୍ର ଦୀପାବଳି ଅମାବାସ୍ୟା ତିଥିରେ କେନ୍ଦୁଝର ସହରର ବିଭିନ୍ନ ପୂଜାସ୍ଥଳୀରେ ମା’ ଶ୍ୟାମାକାଳୀଙ୍କ ପୂଜା ରୀତିନୀତି ଅନୁଯାୟୀ ପାଳନ କରାଯାଉଛି । ବେଦଜ୍ଞ ବ୍ରାହ୍ମଣଙ୍କ ପୂଜା,ହୋମ,ଯଜ୍ଞ ରୀତିନୀତିରେ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେ ମା’ କାଳୀଙ୍କ ପୂଜା ସମ୍ପନ୍ନ ହୋଇଛି । କୋଭିଡ କଟକଣା ମଧ୍ୟରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ପାଳିତ ହେଉଥିବା କାଳୀପୂଜା ଅନୁଷ୍ଠିତ ହୋଇଛି । ଅତୀତରେ ମା’କାଳୀଙ୍କ ପୂଜା ଅବସରରେ ସମଗ୍ର କେନ୍ଦୁଝର ଜିଲ୍ଲା ଉତ୍ସବମୁଖର ହୋଇପଡୁଥିବାବେଳେ ଚଳିତ ବର୍ଷ କରୋନା ଏହି କାଳୀପୂଜାର ମେଳା, ମୀନାବଜାର, ଅପେରା ବନ୍ଦ ହୋଇଛି । ସର୍ବସାଧାରଣ ଦର୍ଶନ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ନୈରାଶ୍ୟ ମନୋଭାବ ପ୍ରକାଶ ପାଇଛି । କେନ୍ଦୁଝର ସହରର କାଳୀପଡିଆରେ ହେଉଥିବା ମୀନାବଜାରକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ପ୍ରମୁଖ ବ୍ୟବସାୟୀ ଆସି ବ୍ୟବସାୟ କରୁଥିବାବେଳେ ଚଳିତ ବର୍ଷର କୋଭିଡ କଟକଣରାରେ ପୂଜା ସେମାନଙ୍କୁ ନିରାଶ କରିଛି । ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସରକାର ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ଲାଗୁ କରିଥିବା କରୋନା କଟକଣା ପାଇଁ ଏହି ମେଳା,ମହୋତ୍ସବ ଓ ସର୍ବସାଧାରଣ ଭକ୍ତଙ୍କ ପାଇଁ ମା’ କାଳୀଙ୍କ ଦର୍ଶନ ବନ୍ଦ ରହିଛି । କେବଳ ଶାସ୍ତ୍ରମତେ ପୂଜା ଅନୁଷ୍ଠିତ ହେଉଛି । କାଳୀତୀର୍ଥ,ଟେଲିଫୋନ୍ ଏକ୍ସଚେ ନିକଟସ୍ଥ କାଳୀପୂଜା କମିଟି,କାଶିପୁର ଶ୍ମଶାନକାଳୀ ଓ ମାଇନିଂରୋଡ ରାଣୀ ଉଆସ କାଳୀପୂଜା କମିଟିଙ୍କ ନିକଟରେ ମା’ କାଳୀଙ୍କ ପୂଜା ବିଧିବିଧାନ ମୁତାବକ ପୂଜାକାର୍ଯ୍ୟ ସଂପନ୍ନ ହୋଇଛି । ଏତଦ୍‌ବ୍ୟତୀତ ମା’ କାଳୀଙ୍କ ପୀଠ ଭାବେ ପରିଗଣିତ କେନ୍ଦୁଝର ସହର ଉପକଣ୍ଠ ସିଦ୍ଧମଠ,ମାଧପୁର କାଳୀମନ୍ଦିର ଏବଂ ସରାସ କାଳୀମନ୍ଦିରଠାରେ ରୀତିନୀତି ସହିତ ମା’ କାଳୀଙ୍କର ପୂଜା ମଧ୍ୟ ଅନୁଷ୍ଠିତ ହୋଇଛି । କେନ୍ଦୁଝର କାଳୀପଡିଆର କାଳୀପୂଜା ଚଳିତ ବର୍ଷ ୮୧ ବର୍ଷରେ ପଦାର୍ପଣ କରିଥିବାବେଳେ ଏଠାରେ ଚଳିତ ବର୍ଷ ସାତ ଦିନ ଧରି ମା’ଙ୍କର ପୂଜା ଅନୁଷ୍ଠିତ ହେବ ଏବଂ ଆଠଦିନରେ ବିସର୍ଜନ ହେବ ବୋଲି ଜଣାପଡିଛି । ପ୍ରତ୍ୟେକ ବର୍ଷ ଏଠାରେ ଏଗାର ଦିନ ପୂଜା ହୋଇ ଦ୍ୱାଦଶ ଦିନ ବିସର୍ଜନ ହୋଇଥାଏ । ପ୍ରାୟ ୧୫ ଦିନ ଧରି ଏଠାରେ ମୀନାବଜାର ଓ ମେଳା ଅନୁଷ୍ଠିତ ହୋଇଥାଏ । ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଚାରି ଫୁଟର ମୂର୍ତ୍ତି କରାଯାଇଥିବାବେଳେ ଭକ୍ତଙ୍କର ଦର୍ଶନକୁ ବାରଣ କରାଯାଇଛି ବୋଲି କାଳୀ ତୀର୍ଥର ସମ୍ପାଦକ ଦୀପକ ମିଶ୍ର ପ୍ରକାଶ କରିଛନ୍ତ । କରୋନା ପାଇଁ ଅନୁରୂପ ପଦକ୍ଷେପ ଗ୍ରହଣ କରିଛି ଟେଲିଫୋନ ଏକ୍ସଚେ କାଳୀପୂଜା କମିଟି । ଚାରିଫୁଟ ଉଚ୍ଚତାର ମା’ କାଳୀଙ୍କ ବିଗ୍ରହ କରାଯାଇଥିବାବେଳେ ଚାରିଦିନ ମା’ଙ୍କୁ ପୂଜା କରାଯାଇ ସପ୍ତମ ଦିନ ବିସର୍ଜନ କରାଯିବ ବୋଲି ଏହି କମିଟିର ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି । କୋଭିଡ କଟକଣା ମଧରେ ମେଳା, ମୀନାବଜାର ମଧ୍ୟ ଏଠାରେ ଅନୁଷ୍ଠିତ ହେଉନାହିଁ । ଚଳିତ ବର୍ଷ ଏହା ୫୪ ବର୍ଷରେ ପଦାର୍ପଣ କରିଥିବା କଥା ଶ୍ରୀ ରାଉତ ସୂଚନା ଦେଇଛନ୍ତି । ଏହି ଦୁଇ କମିଟିରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଳ୍ପୀ ମାଗୁଣୀ ଚରଣ କୁଅଁର ମା’ କାଳୀଙ୍କର ପ୍ରତିମା ନିର୍ମାଣ କରିଛନ୍ତି । କାଶୀପୁରଠାରେ ଅନୁଷ୍ଠିତ ହେଉଥିବା କାଳୀପୂଜା ମଧ୍ୟ ବିନା ଆଡମ୍ବରରେ ଆରମ୍ଭ ହୋଇଛି । ଏଠାରେ ମଧ୍ୟ କରୋନା ପାଇଁ ବାହ୍ୟ ଆଡମ୍ବରକୁ ଛାଡି ବିଧି ମୁତାବକ ସମସ୍ତ ପୂଜା କାର୍ଯ୍ୟ କରାଯାଉଛି । କେନ୍ଦୁଝର ସହରର ମାଇନିଂ ରୋଡ ରାଣୀ ଉଆସ କାଳୀପୂଜା କମିଟି ପକ୍ଷରୁ ମା’ କାଳୀଙ୍କ ପୂଜା ତୃତୀୟ ବର୍ଷରେ ପଦାର୍ପଣ କରିଛି ବୋଲି ସମ୍ପାଦକ ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି । କେନ୍ଦୁଝରରେ କାଳୀପୂଜା ସାଧାରଣ ଲୋକଙ୍କ ପାଇଁ ଏକ ମହୋତ୍ସବ ହୋଇପଡିଥିବାବେଳେ ଗତ ଦୁଇ ବର୍ଷ ଧରି କରୋନା ଏହାକୁ ଫିକା କରିଦେଇଛି । କୋଭିଡ ନିୟମ ପାଳନ ପାଇଁ କମିଟିମାନେ ପ୍ରଶାସନର ଗାଇଡଲାଇନକୁ ପାଳନ କରୁଥିବା ସହ ଏହାକୁ ଚଳିତ ବର୍ଷ କେବଳ ପୂଜା ମଧ୍ୟରେ ସୀମିତ ରଖାଯାଇଛି । ରାଜ୍ୟ ସରକାରଙ୍କ କୋଭିଡ-୧୯ ନିୟମ ଅନୁଯାୟୀ ସର୍ବସାଧାରଣ ଦର୍ଶନ,ଭୋଗ ଲାଗିବା,ଦୀପ ପ୍ରଜ୍ୱଳନ ଓ ଫୁଲ ଆଦି ମଣ୍ଡପକୁ ନେବା ସମ୍ପୂର୍ଣ୍ଣ ବାରଣ କରାଯାଇଛି ବୋଲି ମାଇନିଂ ରୋଡ ରାଣୀ ଉଆସ କାଳୀପୂଜା କମିଟି ର ଉପଦେଷ୍ଟା ସତ୍ୟଜିତ୍ ମିଶ୍ର ସୂଚନା ଦେଇଛନ୍ତି ।

## ଅପହରଣର ୧୦ ମାସ ପରେ ନାବାଳିକା ଉଦ୍ଧାର

କେନ୍ଦୁଝର,(ପି.ଏନ):କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଶିରିଶପାଳ ଗ୍ରାମରୁ ଜଣେ ନାବାଳିକା ଅପହରଣ ହେବାର ୧୦ ମାସ ପରେ ଟାଉନ ପୋଲିସ ନାବାଳିକାକୁ ଉଦ୍ଧାର କରିଛି । ଟାଉନ ପୋଲିସ ର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ମୋବାଇଲ ଫୋନ୍ ଟ୍ରାକିଂ କରି ଭୁବନେଶ୍ୱର ଅଞ୍ଚଳରୁ ଠାବ କରି ଉଦ୍ଧାର କରିଛି । ଅପହରଣକାରୀ ଯୁବକ କୌଶଳକ୍ରମେ ସେଠାରୁ ଖସି ଯିବାକୁ ସକ୍ଷମ ହୋଇଛି । ନାବାଳିକାଙ୍କ ପରିବାର ପକ୍ଷରୁ ଅପହରଣ ନେଇ ଗତ ଜାନୁଆରୀ ୨୪ ରେ ଟାଉନ ଥାନାରେ ଏତଲା ଦେବା ପରେ ୩୮/୨୧ ରେ ଏକ ମାମଲା ରୁଜୁ ହୋଇଥିଲା । ଉଦ୍ଧାର ନାବାଳିକାକୁ ଡାକ୍ତରୀମାଇନା ପରେ ସ୍ୱଧାର ଘରେ ରଖାଯାଇଛି । ତେବେ ଅପହରଣକାରୀ ଯୁବକ ଏବଂ ତାଙ୍କୁ ସହାୟତା କରିଥିବା ଲୋକମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଟାଉନ ପୋଲିସ କହିଛି । ଏପରିକି ଭୁବନେଶ୍ୱରରେ ଅପହରଣକାରୀ ଯୁବକକୁ ସହାୟତା କରିଥିବା ଲୋକଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଜଣାପଡିଛି ।

## ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଭାତୃ ବିୟୋଗ

ଯୋଡା,(ପି.ଏନ):ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡଙ୍କର ବଡବାଇ ଦୁଃଖବନ୍ଧୁ ମହାକୁଡଙ୍କର ଶନିବାର ଭୋର ସମୟରେ ୮୧ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପ୍ରାଣ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ । ତାଙ୍କର ଏହି ବିୟୋଗରେ ନମ୍ପିରା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ସେ କିଛିମାସ ହେବ ବ୍ରେନ୍ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇ ଅଗଷ୍ଟ ମାସ ୧୮ତାରିଖ ଠାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ତାଙ୍କର ମସ୍ତିଷ୍କ ଅସ୍ତ୍ରୋପଚାର ହୋଇଥିବା ବେଳେ ପୁନର୍ବାର ଏକ ମାଂସ ପିଣ୍ଡୁଳା ବଢୁଥିବା ଦେଖା ଦେଇଥିଲା । ଫଳରେ ସେ କଟକର ଜଣେ ବିଶେଷଜ୍ଞଙ୍କ ନିକଟରେ ଚିକିତ୍ସିତ ହେଉଥିଲେ । ଚିକିତ୍ସିତ ଅବସ୍ଥାରେ ଶନିବାର ଭୋର ୩ଟା ସମୟରେ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା । ତାଙ୍କର ମରଶରୀରକୁ ତାଙ୍କ ଗ୍ରାମକୁ ଅଣାଯାଇଥିଲା । ସେଠାରେ ତାଙ୍କର ଶେଷ ଦର୍ଶନ ପାଇଁ ଶହ ଶହ ସଂଖ୍ୟାରେ ଗ୍ରାମବାସୀ, ଶୁଭେଚ୍ଛୁ, ବନ୍ଧୁ, ପରିଜନ, ରାଜନେତା ପ୍ରମୁଖ ପହଂଚି ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସହ ବହୁ ରାଜନେତା, କର୍ମୀ ସେଠାରେ ପହଂଚି ତାଙ୍କ ଶ୍ରଦ୍ଧାଳୀ ଦେଇଥିବା ବେଳେ ସମଗ୍ର ନମ୍ପିରା ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶେଷରେ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି ।

## ପଞ୍ଚାୟତବାସୀଙ୍କୁ ଭତ୍ତା ଓ ପରିଚୟପତ୍ର ବଣ୍ଟନ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ସଭାଗୃହ ଠାରେ ଘଷିପୁରା ବ୍ଲକ ଅନ୍ତର୍ଗତ ୨୩ଗୋଟି ପଂଚାୟତର ୧୨୩ଜଣ ବୃଦ୍ଧ, ବୃଦ୍ଧା, ବିଧବା ମହିଳା ଓ ଦିବ୍ୟାଙ୍ଗଙ୍କୁ ବାର୍ଦ୍ଧକ୍ୟ ଭତ୍ତାପତ୍ର ବଣ୍ଟନ କରାଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ପ୍ରାକ୍ତନ ଗଣଶିକ୍ଷା ମନ୍ତ୍ରୀ ବଦ୍ରୀନାୟାରଣ ପାତ୍ର ଯୋଗଦେଇ ଘଷିପୁରା ବ୍ଲକ ଅନ୍ତର୍ଗତ ୨୩ଗୋଟି ପଂଚାୟତରୁ ଆସିଥିବା ୧୨୩ଜଣ ହିତାଧିକାରୀଙ୍କୁ ଭତ୍ତା ପରିଚୟପତ୍ର ସହ ଦୁଇ ମାସର ଭତ୍ତା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଘଷିପୁରା ବ୍ଲକ ତରଫରୁ ପି.ଏ.ବାଣୀ ରନ ବେହେରା, ମନରେଗା ସହକାରୀ ସୁରେଶ କୁମାର ସାହୁ, ଓଏଲଏମ ସୌଭାଗିନୀ ଦାଶ, ବିଏଏଫଟି ଭାଗିରଥି ନାୟକ, ଦେବାଶି, ସାହୁ, ବିଏସ୍ଏସ୍ଓ ସବିତା ପଣ୍ଡିତ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଳତୀ ପଂଚାୟତର ପୂର୍ବତନ ସରପଂଚ ପ୍ରଭାତ କୁମାର ବରାଳ,ସାଇକୁଳ ସରପଂଚ ବିଭାସ ଚନ୍ଦ୍ର ନାୟକ, ପୁରୁଣାବାନ୍ଧଗୋଡା ସରପଂଚ ପ୍ରଦୀପ କୁମାର ଧୀର, ରାମଚନ୍ଦ୍ରପୁର ପଂଚାୟତ ପୂର୍ବତନ ସରପଂଚ ମଦନ ମୋହନ ସାହୁ, ତରୁଆଁ ପଂଚାୟତ ସରପଂଚ ବଳରାମ ବେହେରା, ଗଡବାନ୍ଧଗୋଡା ପୂର୍ବତନ ସରପଂଚ ସୁଶାନ୍ତ ନାୟକ, ଚନ୍ଦ୍ରଭାନୁ ନାୟକ ରମେଶ କୁମାର ମହାରଣା, ରଶ୍ମିରନ ମହାରଣା, ଲାଲମୋହନ ନାୟକ, ତାରାକାନ୍ତ ବେହେରା, ଅଶୋକ କୁମାର ମହାନ୍ତ, ହୃଷିକେଶ ସାହୁ, ପଙ୍କଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୂର୍ବତନ ବ୍ୟାଙ୍କ୍ ଅଧିକାରୀଙ୍କ ବିୟୋଗରେ ଶୋକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଦୁଅମାଗୁରା ଗ୍ରାମର ଅବସରପ୍ରାପ୍ତ ସମବାୟ ବ୍ୟାଙ୍କ୍ ଆଞ୍ଚଳିକ ପରିଚାଳକ କାଶୀନାଥ ସାମଲଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । କଟକ ନୀଳଶୈଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶୋକସଭାରେ ଉପଦେଷ୍ଟା ପ୍ରତାପ କିଶୋର ରାଜ ସଭାପତିତ୍ୱ କରିଥିଲେ । ଉତ୍କଳ ସାମ୍ବାଦିକ ସଂଘର ପୂର୍ବତନ ସଭାପତି ମହେଶ୍ୱର ମୂଳିଆ, ବରିଷ୍ଠ ସାମ୍ବାଦିକ ପିତାମ୍ବର ମିଶ୍ର, ଆଇନଜୀବୀ ଅନିଲ କୁମାର ଦେଓ ଓ ନରେନ୍ଦ୍ର କୁମାର ସିଂହ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ଗୁଣାବଳୀ ସଂପର୍କରେ ବର୍ଣ୍ଣନା କରିଥିଲେ । ସେହିପରି ସମବାୟ ବିଭାଗ ପ୍ରଶିକ୍ଷଣ କଲେଜ୍ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ସ୍ମୃତିଚାରଣ କରିଥିଲେ । ସମବାୟବିତ୍ ଶ୍ୟାମସୁନ୍ଦର ଲେଙ୍କା, ଶ୍ରୀବସ୍ତ ସାମଲ, ଅନିରୁଦ୍ଧ ରାଉତ, ବାବୁରାମ ବରାଳ, କୁଳମଣି ରାଉତ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ଦେବେନ୍ଦ୍ର ମାନସିଂହ, ନଗେନ୍ଦ୍ର ପ୍ରଧାନ, ପ୍ରସନ୍ନ କୁମାର ପାଟ୍ଟସାଣି, ସାମ୍ବାଦିକ ବିଶ୍ୱନାଥ ସାମଲ, ଶିକ୍ଷାବିତ୍ ତ୍ରିଲୋଚନ ପ୍ରଧାନ ପ୍ରମୁଖ ସ୍ୱର୍ଗତ ସାମଲଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ସ୍କାର୍ପ ବୋଝେଇ ଅଟୋ ଅଟକ

ଧର୍ମଶାଳା,(ପିଏନ୍): ଶାନ୍ତିବଜାର-କାଏମା ରାସ୍ତାରେ ସ୍କାର୍ପ ଚାଲାଣ କରୁଥିବା ଏକ ଅଟୋକୁ ଧର୍ମଶାଳା ଥାନା ପୁଲିସ୍ ଧରିବାରେ ସକ୍ଷମ ହୋଇଛି । ଅଟୋକୁ ଥାନାରେ ଅଟକ ରଖି ଚାଳକଙ୍କୁ ପଚରାଉଚରା କରାଯାଉଛି । ଦୀର୍ଘଦିନ ହେଲା ଏହି ରାସ୍ତାରେ ବେଆଇନ ଭାବେ ସ୍କାର୍ପ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି । କୌଣସି ସୂତ୍ରରୁ ଖବରପାଇ ପୁଲିସ୍ ଅତର୍କିତ ଚଢଉ କରି ସ୍କାର୍ପ ବୋଝେଇ ଏହି ଅଟୋକୁ ଧରିଥିଲେ ହେଁ, ତଦନ୍ତ ନାଁରେ ପୁଲିସ୍ ଗଣମାଧ୍ୟମକୁ କୌଣସି ତଥ୍ୟ ଦେଇନାହିଁ । ଏହା କେଉଁଠୁ ଆସି କେଉଁଆଡେ ଯାଉଥିଲା, କେତେ ପରିମାଣର ସ୍କାର୍ପ ଧରା ହୋଇଛି, ଏଥିରେ କେଉଁମାନେ ସଂପୃକ୍ତ ଅଛନ୍ତି ଓ ଏସବୁର ବଜାର ଦର କେତେ ହେବ ଏ ସଂପର୍କରେ ପୁଲିସ୍ ଅଧିକ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗ୍ରସ୍ତ ନଭେମ୍ବର ୨୬ : ୧୭୨ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜିଲ୍ଲାର ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ତର ବାଲେଶ୍ୱରବାସୀଙ୍କ ପାଇଁ ଆଉ ଗୋଟିଏ ବଡ଼ ପ୍ରକଳ୍ପର ଭେଟି ଦେଇଛନ୍ତି । ବାଲିଆପାଳରେ ୧୭୨ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ କରି ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଦାବି ପୁରଣ କରିଛନ୍ତି । ଏ ନେଇ ଜିଲ୍ଲା ବିଜେଡି ସଭାପତି କଥା ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ଓ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ସୁନା ଚେନ୍ ଝାମ୍ପି ନେଲା ଦୁର୍ବୃତ୍ତ

ଧର୍ମଶାଳା,(ପିଏନ୍): ଧର୍ମଶାଳା-କବାଟବନ୍ଧ ରାସ୍ତାର ଜାରକା(ପଣ୍ଡୁଆ) ନିକଟରେ ଆଜି ଅପରାହ୍ଣ ସାଢେ ୨ଟାରେ ଏକ ଚଳନ୍ତା ବାଇକ୍‌ରୁ ଜଣେ ମହିଳାଙ୍କ ସୁନା ଚେନ୍ ଝାମ୍ପି ନେଇଛି ଦୁର୍ବୃତ୍ତ । ସଂପର୍କୀୟଙ୍କ ସହିତ ବାଇକ୍‌ରେ ବସି ନାକପୋଲ ବଜାର ଆଡେ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍‌ରେ ଆସି ଜଣେ ଯୁବକ ତାଙ୍କ ଚେନ୍ ଛଡାଇ ନେଇଥିଲା । ଏ ସଂପର୍କରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ, ପୁଲିସ୍‌କୁ କୌଣସି ସୁରାକ୍ ମିଳିନାହିଁ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ






## ମା କାଳବାଗୁତିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉଛବ



ଚଣ୍ଡିଖୋଲ,(ପି.ଏନ): ବଡ଼ଚଣା ବ୍ଲକ ଭୂଷଣ୍ଡପୁର ପଂଚାୟତ ବରୁଣବନ୍ତ ପାହାଡ଼ର ପାଦଦେଶରେ ଥିବା ଖଣ୍ଡିଆବନ୍ଧ ଗ୍ରାମର ଗ୍ରାମଦେବତୀ ମା କାଲବାଗୁତିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉଛବ ସୋମବାର ମହାସମାରହରେ ପାଳିତ ହେଇଯାଇଛି । ଦୀର୍ଘଦିନ ହେବ ନିକଟସ୍ଥ ଖଣ୍ଡିଆବନ୍ଧ ଗ୍ରାମର ଗ୍ରାମଦେବତୀ ଭାବେ ଗ୍ରାମର ଲୋକମାନେ ମାଙ୍କୁପୂଜା କରିଆନ୍ତି । ମାଙ୍କର ମନ୍ଦିର ନଥିବାରୁ ବର୍ଷା,ଖରା ଓ କାକରରେ ମା ଏକ ପଥର ଚଉତରା ଉପରେ ପୂଜା ପାଇଆସୁଥିଲେ । କିଛି ବଦାନ୍ୟ ବ୍ୟକ୍ତି ଓ ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ମାଙ୍କର ଏକ ପୂର୍ଣ୍ଣାଙ୍ଗ ମନ୍ଦିର ନିର୍ମାଣ କରାଯାଇ ସୋମବାର ପ୍ରତିଷ୍ଠା ଉଛବ କରାଯାଇଥିଲା । ସୋମବାର ମାଙ୍କ ନିକଟରେ ଅଧିବାସ, ସୂର୍ଯ୍ୟପୂଜା,ଗୋପୂଜା, ଗୀତା ପାଠ, ଚଣ୍ଡୀପାଠ ଓ ହୋମଯଂଜ୍ଞ କରାଯାଇଥିଲା । କର୍ତା ଭାବେ ସୁରେନ୍ଦ୍ର ନାଥ ପଣ୍ଡା ଓ କାଞ୍ଚନ୍ମାଳା ପଣ୍ଡା ଦାଇତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ରଘୁନାଥ ତ୍ରିପାଠୀ, ସନ୍ତୋଷ ପାଢ଼ୀ, ରଶ୍ମିରଂଜନ ତ୍ରିପାଠୀ ପୂଜାକାର୍ଯ୍ୟ କରିଥିଲେ । ସନ୍ଧ୍ୟା ୫ ଟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା । ସଖାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମା ଙ୍କ ନିକଟରେ କୀର୍ତ୍ତନ କରାଯାଇଥିଲା । ବହୁ ନେତୃସ୍ଥାନୀୟ ଓ ରାଜନୈତିକ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମାଙ୍କ ଆଶିଷଲାଭ କରିଥିଲେ.ସର୍ବଶ୍ରୀ ମୁଷ୍ଟୁଲ ହାଁସଦା , ଅନନ୍ତଚରଣ ଦାସ, ଧନେଶ୍ୱର ସ୍ୱାଇଁ , ପ୍ରକାଶ ସାହୁ , ଆର୍ତତ୍ରାଣ ସେଠି, ସୁମନ୍ତ ପଟ୍ଟନାୟକ ,ସୁବ୍ରତ ପାଲ ,ଶରତ ସାମଲ ,କ୍ଷେତ୍ରବାସୀ ସାମଲ ,ତାପସ ଦାସ ,ପ୍ରଶାନ୍ତ ସାମଲ ,ଶ୍ୟାମସୁନ୍ଦର ମାଝୀ,ବିନୋଦ ସାମଲ ,ସରୋଜ ଜେନା ,ବିଶ୍ୱରଂଜନ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଜାରକା ପଞ୍ଚାୟତ ବିଜେପିର ବୈଠକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ବିଜେପିର ଏକ ବୈଠକ ଦକ୍ଷିଣ ଶାସନ ଗ୍ରାମସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ହୋଇଯାଇଛି । ଯୁବ ସଂଗଠକ ଉପେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଜେପି ନେତ୍ରୀ ସ୍ମୃତିରେଖା ପହି ମୁଖ୍ୟଅତିଥ ଭାବେ ଯୋଗଦେଇ ଦୁର୍ନୀତିଗ୍ରସ୍ତ ବିଜେଡି ସରକାର ବିରୋଧରେ ଲଢିବା ପାଇଁ ନିଜକୁ ପ୍ରସ୍ତୁତ ରଖିବା ସହିତ ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ଦେବେନ୍ଦ୍ର କର, ମହେଶ୍ୱର ରାଉତ, ସତ୍ୟନାରାୟଣ କର, ଭାସ୍କର ରଥ, ରାମଚନ୍ଦ୍ର ରାଉତ, ଶ୍ରୀନିବାସ ତ୍ରିପାଠୀ, ମନୋଜ କୁମାର ସାମଲ, ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଭାତ ଦାଶ, ସୁମିତ୍ରା ରାଉତ, ଅନିତା ଦାସ, କୁମର ଖଟୁଆ, ଟୁକୁନା କାଣ୍ଡି, ବାଇଧର ଦାସ, ରଜନୀ ରାଉତ, ସୟ ଲେଙ୍କା ଓ ଯୁବନେତା ସ୍ମୃତିରଂଜନ ବାରିକ ଯୋଗଦେଇ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ ।

## ବାଳଶ୍ରମିକ ଉଚ୍ଛେଦ ବିରୋଧରେ ରାଜ୍ୟରେ ଇ-କ୍ୟାମ୍ପେନ୍ ଆରମ୍ଭ






ଭୁବନେଶ୍ୱର, (ପି.ଏନ): ଇଡିୟୁସିଓ ଏବଂ ପ୍ରେମ୍ ଓ ଓଡିଶା ରାଜ୍ୟ ବାଳ ଅଧିକାର ସୁରକ୍ଷା କମିସନର୍ଙ୍କ ମିଳିତ ସହଯୋଗରେ ବାଳ ଶ୍ରମିକ ଉଚ୍ଛେଦ ଓ ବାଳ ବିବାହ ବନ୍ଦ ପାଇଁ ଏକ ରାଜ୍ୟ ସ୍ତରୀୟ ସମ୍ମିଳନୀ ଆଜି ହୋଟେଲ ଏଚ୍.ଏଚ୍.ଆଇରେ ବାଳ ଅଧିକାର ସୁରକ୍ଷା କମିସନର ସନ୍ଧ୍ୟାରାଣୀ ପ୍ରଧାନଙ୍କ ସଭାପତିତ୍ୱରେ ସାଂସଦ ସୁଜିତ୍ କୁମାର, ଆୟୋଜକ ଇଡିୟୁସିଓ ଏବଂ ପ୍ରେମ୍ର ମୁଖ୍ୟ ଗୁରୁପ୍ରସାଦ,ଜାକବ ଥୁଣ୍ଡୁଲି ଅତିଥି ଭାବେ ଯୋଗ ଦେବା ସହ ସଭାକାର୍ଯ୍ୟ ପରିଚ୍ଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥିବୃନ୍ଦ ସେମାନଙ୍କ ଅତିଥି ଅଭିଭାଷଣରେ ବାଳ ଶ୍ରମିକ ଓ ବାଳ ବିବାହ ପ୍ରଥା ବନ୍ଦ ପାଇଁ ରାଜ୍ୟ ସାରା ଇ-ଅଭିଯାନ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବାଳଶ୍ରମିକ ଅଭିଶେକ ଓ ପାପୁନୀ ନାଏକ ଦାରିଙ୍ଗବାଡିରୁ ଆଜି ତାଙ୍କ ସମସ୍ୟା ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ବଖାଣି ବାଳଶ୍ରମିକଙ୍କୁ ଗରିବ ସ୍ଥାନାନ୍ତର ଶ୍ରମିକ ପରିବାରରୁ ମୁକ୍ତ କରିବାକୁ ହେଲେ ସେମାନଙ୍କ ପାଇଁ ଶିକ୍ଷା ଓ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଦୂରକରିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିପାଇଁ ବାଳଶ୍ରମିକ ଉଚ୍ଛେଦ ଅଭିଯାନ ଓଡିଶାର ଗୋପାଳ କର, ରଣଜିତ୍ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ରହି ସେମାନଙ୍କ ଅଭିଯାନକୁ ସଫଳ କରିବାକୁ ହେଲେ ସରକାର ସମସ୍ତଙ୍କୁ ସାମିଲ୍ କରାଇ, ଶିକ୍ଷା ଓ ସ୍ଥାନାନ୍ତର ଶ୍ରମିକଙ୍କ ପାଇଁ କର୍ମ ବ୍ୟବସ୍ଥା ନିମନ୍ତେ ଅଧିକ ବ୍ୟୟ ଅଟକଳ କରିବା ଦରକାର । ଶିଳ୍ପାଂଚଳ, ଖଣି ଅଂଚଳ ଓ ରାଜ୍ୟର ସିମାନ୍ତ ଅଂଚଳରେ ସ୍ଥାନାନ୍ତର ଶ୍ରମିକ ସଂଖ୍ୟା ରୋକିବାକୁ ଯୋଜନା ବଦ୍ଧ ସମନ୍ୱୟ ପ୍ରୟାସ ଜାରି ରଖିବାକୁ ଓ ସ୍ୱେଚ୍ଛାସେବୀଙ୍କ ଅନୁଭୂତିକୁ ସାମିଲ କରି ସହଯୋଗୀ ବିକାଶରେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ । ଶେଷରେ ଡାନିଏଲ୍ ଉର୍ଗ ଧନ୍ୟବାଦ ଅର୍ପଣ କରିଥିଲେ ।

### ଖସିଗଲା ଗଞ୍ଜେଇ ବେପାରୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ନୀଳାଦେଇପୁର ଛକ ନିକଟରେ ଗଞ୍ଜେଇ କାରବାର ହେଉଥିବା ଖବର ପାଇ ପୁଲିସ୍ ସୋମବାର ପୂର୍ବାହ୍ନରେ ଚଢଉ କରିଥିଲା । ହେଲେ ଗଞ୍ଜେଇ ବେପାର କରୁଥିବା ସଂପୃକ୍ତ ଯୁବକ କୌଶଳ କ୍ରମେ ଖସି ଯିବାରେ ସକ୍ଷମ ହୋଇଛି । ପୁଲିସ୍ ତଦନ୍ତ ଚାଲିଥିବାରୁ ଏଠାରେ କାହାଠାରୁ କେତେ ପରିମାଣର ଗଞ୍ଜେଇ ଜବତ ହୋଇଛି ସେ ସଂପର୍କରେ କୌଣସି ସୂଚନା ମିଳିନାହିଁ । ସେହିପରି ଏହି ଛକର ଏକାଧିକ ସ୍ଥାନରେ ବେଆଇନ ଚୋରାମଦ କାରବାର ହେଉଥିବା ଅଭିଯୋଗ ହେଉଛି । ପୁଲିସ୍ ଚଢଉ ଜୋରଦାର କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମହୀଧରପଡା-ଗୋବିନ୍ଦପୁର ରାସ୍ତା : ତ୍ରିନାଥବଜାର ଠାରୁ ମହୀଧରପଡା ସନ୍ତୋଳ ଶୋଚନୀୟ ପରିସ୍ଥିତି

ଫୁଲନଖରା, (ପି.ଏନ): କଟକ ଗ୍ରାମ୍ୟଉନ୍ନୟନ ବିଭାଗ ଅଧିନସ୍ଥ ମହୀଧରପଡା ଠାରୁ ୧୪ କି.ମି. ଗୋବିନ୍ଦପୁରକୁ ରାସ୍ତା ଯାଇଅଛି । ଏହି ରାସ୍ତା ଆରମ୍ଭ ତ୍ରିନାଥବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ୩ କି.ମି. ଅତନ୍ୟ ଖାଲଖମା ପରିପୂର୍ଣ୍ଣ ହୋଇଥିବାରୁ ଏବଂ ରାସ୍ତାର ଉଭୟ ପାର୍ଶ୍ୱ ଗଛଲତା ମାଡି ରାସ୍ତାକୁ ଆବରୋଧ କଲାଣି ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ବଜାର ରାସ୍ତା କଡକୁ ଲଗାଇ ବାଉଣ୍ଡରୀ ଘର ଇତ୍ୟାଦି ମାଡି ବସି ତିଆରି କରିବା ଦ୍ୱାରା ଦୈନ ଦିନ ଯାତାୟତରେ ଘୋର ବାଧା ସୃଷ୍ଟି ହେଉଛି । ଏହି ସମସ୍ୟାକୁ ବିଭାଗୀୟ କତୃପକ୍ଷ ବିଚାରକୁ ନେଇ ତ୍ରିନାଥ ବଜାରଠାରୁ ୭ କି.ମି. ରାସ୍ତାର ଉଭୟ ପାର୍ଶ୍ୱ ସଂପ୍ରସରଣ କରି ରାସ୍ତା କାର୍ଯ୍ୟ କରାଯିବାକୁ ଟେଣ୍ଡର କରାଯାଇଥିଲା । ଜୈନିକ ଠିକାଦାର ଦୀର୍ଘ ୪ ମାସ ତଳୁ ରାସ୍ତା ଟେଣ୍ଡର ନେଇ ନଗରୀ, ସନ୍ତୋଳ ଓ ଗବବସ୍ତ ପର୍ଯ୍ୟନ୍ତ ଖାଲିଥିବା ରାସ୍ତାର ଉଭୟପର୍ଶ୍ୱ ଜେସିପି ମେସିନ୍ ଦ୍ୱାରା ସଫାକରି ରହିଯାଇଛନ୍ତି । ଯେଉଁଠି ରାସ୍ତା ଜରୁରୀ ଆବଶ୍ୟକତା ହେଉଛି ତ୍ରିନାଥ ବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫାକରାଗଲା ନାହିଁ କି ଜବରଦଖଲକାରିଙ୍କୁ ଉଚ୍ଛେଦ କରାଗଲା ନାହିଁ । ଗତ ମାସକ ତଳେ ଲଗାଣ ବର୍ଷାଯୋଗୁ ଏହି ରାସ୍ତାର ମହୀଧରପଡା ଚମାରସାହି ପୋଲ ନିକଟ, ହାଇସ୍କୁଲ ସମ୍ମୁଖ ରଙ୍ଗଣି ସାହି ପୋଲପାଖ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟତର ଘୋର ବାଧା ସୃଷ୍ଟି ହେଉଛି । ଦୈନଦିନ ଭୁବନେଶ୍ୱର କଟକରୁ ଗୋବିନ୍ଦପୁର ଅଂଚଳକୁ ଯାଉଥିବା ଟ୍ରକ ଗୁଡିକ ବା ଯାତ୍ରୀବାହି ବସ୍ ବହୁ ବିପଦର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହାଉପରେ ବିଭାଗିୟ ଉଚ୍ଚ କତୃପକ୍ଷ ମାନ୍ୟବର ବିଧାୟକ ନିଆଳୀ ଦୃଷ୍ଟି ଦେଇ ଜରୁରୀ ହୋଇପଡିଥିବା ରାସ୍ତାକାର୍ଯ୍ୟ ଆରମ୍ଭ କରିବାକୁ ମହୀଧରପଡା ଅଂଚଳରୁ ଦୃଷ୍ଟି ଆକର୍ଷଣ କରାଯାଇଛି ।

## କଳାପଥର ଚୋରା ଚାଲାଣ କରୁଥିବା ୮ଗାଡି ଜବତ

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ କଳାପଥର ଚୋରା ଚାଲାଣ କରୁଥିବା ୮ଟି ଗାଡିକୁ ଜବତ କରାଯାଇଛି । ଜବତ ହୋଇଥିବା ୬ଟି ହାଇୱା ଓ ୨ଟି ଟ୍ରକ୍କୁ ଧର୍ମଶାଳା ଥାନା ପୁଲିସ୍ ଜିମା ଦିଆଯାଇଛି । ଜବତ ଗାଡିଗୁଡିକରୁ ୩ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ ହେବ ବୋଲି ତହସିଲ୍ ପକ୍ଷରୁ କୁହାଯାଇଛି । ୫୩ ନମ୍ବର ଜାତୀୟ ରାଜପଥର ଆରୁହା ଛକରୁ ଶ୍ରୀରାମପୁର ଟୋଲ୍ ଗେଟ୍ ମଧ୍ୟରେ ଯାତାୟତ କରୁଥିବା କଳାପଥର ବୋଝେଇ ଟ୍ରକ୍ ଓ ହାଇୱାଗୁଡିକୁ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଥିଲା । ଏହି ସମୟରେ ୬ଟି ହାଇୱା ଏବଂ ୨ଟି ଟ୍ରକ୍ରେ ବେଆଇନ ଭାବେ କଳାପଥର ପରିବହନ ହେଉଥିବା ଜଣାପଡିଥିଲା । ଡ୍ରାଇଭରମାନେ କଳାପଥର ପରିବହନ ପାଇଁ ଆବଶ୍ୟକ ୱାଇଫର୍ମ ଦେଖାଇ ନପାରିବାରୁ ଗାଡିଗୁଡିକୁ ଜବତ କରାଯାଇଥିଲା । ଚଢଉ ସମୟରେ ଆଉ କେତେକ ଗାଡ଼ି ପ୍ରଶାସନକୁ ଚକ୍ମା ଦେଖାଇ ଖସି ଯାଇଥିଲେ । ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶ, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, ନେଉଳପୁର ଆର୍ଆଇ ନିରଂଜନ ବୋଇତେଇ, ନାକପୋଲ ଆର୍ଆଇ ଚନ୍ଦନ କୁମାର ସାହୁ, କାଏମା ଆର୍ଆଇ ମନୋଜ ମହାପାତ୍ର, ଏଆର୍ଆଇ ନିର୍ମଳ ପଣ୍ଡା ପ୍ରମୁଖ ପୁଲିସ୍ ସହାୟତାରେ ଚଢଉ କରିଥିଲେ । ଉକ୍ତ ବେଆଇନ କାରବାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢଉ, ଗିରଫଦାରୀ, ଗାଡି ଜବତ, ଜରିମାନା ଆଦାୟ, ପାହାଡ ସମ୍ମୁଖ ରାସ୍ତା ଖୋଳିଦେବା ଏବଂ ପଥର ଖାଦାନ ଗୁଡିକରେ ୧୪୪ଧାରା ଜାରି କରାଯାଉଥିଲେ ମଧ୍ୟ ମାଫିଆଙ୍କ ଉପରେ ଏହା କୌଣସି ପ୍ରଭାବ ପକାଇ ପାରୁନାହିଁ ।

## ପ୍ରୟାସ ପକ୍ଷରୁ ରକ୍ତଦାନ ଶିବିର,୫୦ୟୁନିଟ ରକ୍ତ ସଂଗ୍ରହ





ଚଣ୍ଡିଖୋଲ, (ପିଏନ): ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ପ୍ରେସକ୍ଲବ ଚଣ୍ଡିଖୋଲ ଠାରେ ଏକ ସ୍ୱଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଥିଲା .ଶିବିରକୁ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଓ ସୂଂଗୁଡା ସରପଞ୍ଚ ଚାଚାଲିନ ସ୍ୱାଇଁ , ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା ,ଶିବରାମ ସାହୁ ,ଅଭିମନ୍ୟୁ ଧଳ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରିଥିଲେ.ଶିବିରରୁ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ ହେଇଥିଲା.କଟକ ରେଡକ୍ରସ ପକ୍ଷରୁ ବ୍ଲଡ଼ ବ୍ୟାଙ୍କର ଡାକ୍ତର ଶେଖର ସୁଧାଂଶୁ ଶେଖର ସାହୁ ,ସଂଯୋଜକ ଅବିନାଶ ଦାଶ, ଲାବୋରଟୋରୀ ଟେକନିସିଆନ ସନ୍ଦୀପ ସ୍ୱାଇଁ ଓ ଲାବୋରଟୋରୀ ଆସିଷ୍ଟାଣ୍ଟ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ. ପ୍ରୟାସର ସମ୍ପାଦକ ଭାରତ ଭୂଷଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହ - ସମ୍ପାଦକ ପ୍ରତାପ ଗୋଛାୟତ,ସଭାପତି ଆଶିଷ କୁମାର ମହାପାତ୍ର ,ସାମ୍ବାଦିକ ମୋହନ ଖିଲାର ,ବାର ଆସୋସିସନର ସଭାପତି ଆଇନଜୀବୀ ଦେବରାଜ ବେହେରା,ଘନଶ୍ୟାମ ଗୋଛୟତ ,ସାମ୍ବାଦିକ ସେକ ସ୍ୱବିରୁଦ୍ଧଦିନ, ଅମ୍ବୁବୁଜ କୁମାର ରାଉତ ପ୍ରୟାସର ହେମେଶ କୁମାର ଜେନା,ପ୍ରମୋଦ କୁମାର ଜେନା ,ପ୍ରତାପ ଗୋଛାୟତ,ଅମୀୟ ମହାରଣା , ମକରଦ୍ୱଜ ଦାସ , ଦିଲୀପ କୁମାର ସାହୁ ,ସୁରେନ୍ଦ୍ର ସାମଲ ,ବିଶ୍ୱରଂଜନ ସ୍ୱାଇଁ ,ଭବତୋଷ ବିଶ୍ୱାଳ, ସୁଶାନ୍ତ ନାୟକ ,ଅନିଲ କୁମାର ସାମନ୍ତରାୟ ,ତ୍ରିଲୋଚନ ବେହେରା ,ବସନ୍ତ ପଲେଇ,ତ୍ରିଲୋକ୍ୟ ନାୟକ ,ଉତ୍କଳ ପ୍ରଧାନ ,ମନମୋହନ ରାଉତ ,ବିଶ୍ୱଜିତ ବରାଳ ,ରାଜେନ୍ଦ୍ର ନାୟକ ,ପ୍ରଶାନ୍ତ କୁମାର ରାୟ, ସୁରେଶ ଖଣ୍ଡେଇ,ସରୋଜ ମହାନ୍ତି, କିଶୋର ସେଠୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

ରକ୍ତଦାତା ଜୀବନଦାତା

ଧୀରେନ୍ଦ୍ର ଦାସ,ଉତ୍କଳ କେଶରୀ ସାମଲ , ରଶ୍ମିରଂଜନ ମହାପାତ୍ର ,ଚନ୍ଦନ ସାମଲ ,ପ୍ରଶାନ୍ତ ସାମଲ , ରଶ୍ମିରଂଜନ ସାମଲ , ତରୁଣ କୁମାର ସିଂ ,ମଧୁର ଜ୍ୱାଇଁକୁମାର , ପ୍ରକାଶ ସାମଲ ,ଲିପା ମାଝୀ, ବୈଦ୍ୟନାଥ କହ୍ନର , ମୃଜ କୁମାର ରାଉତ,ସୁଧୀର କୁମାର ସେଠୀ ,ମୀନକେତନ ସାହୁ ,ସୁରଜ ମାଝୀ ,କୃଷ୍ଣ ମାଝୀ ,ଅରୁଣ କୁମାର ଦାସ ,ମନୋଜ କୁମାର ତ୍ରିପାଠୀ ,ତ୍ରିଲୋଚନ ବେହେରା ,ରାଜେନ୍ଦ୍ର ସାମଲ ,କୁମୁଦ ପାତ୍ର ,ଅମୀୟ କୁମାର ମହାରଣା ,ମନରଞ୍ଜନ ସାହୁ ,ପ୍ରତାପ ଗୋଛାୟତ ,ପ୍ରସଂଜିତ ବେହେରା ,ଦେବବ୍ରତ ସ୍ୱାଇଁ ,ସୋମନାଥ ତରେଇ ,ମଦନ ମହାରଣା ,ରାଜେନ୍ଦ୍ର କୁମାର ନାୟକ ,ମକରଦ୍ୱାଜ ଦାସ ,ହେମେଶ ଜେନା ,ଭାରତ ଭୂଷଣ ପଣ୍ଡା ,ଦିଲୀପ କୁମାର ସାହୁ,ବସନ୍ତ କୁମାର ପଲେଇ ,ସଞ୍ଜୟ କୁମାର ପଣ୍ଡା ,ଧୀରେନ୍ଦ୍ର କୁମାର ଦାସ ,ଅଭିଷେକ ନାୟକ ,ପ୍ରଦୀପ୍ତ ନାୟକ ,ସୁଦର୍ଶନ ଖିଲାର ,ମନମୋହନ ରାଉତ ,ପ୍ରଶାନ୍ତ ରାୟ ,ସରୋଜ ମହାନ୍ତି ,ଧନେଶ୍ୱର ପୃଷ୍ଟି ,କେଶବ ଚନ୍ଦର ନାୟକ ,ଦେବଦାସୀ ପଣ୍ଡା ,ସତ୍ୟଜିତ ପ୍ରଧାନ ,ରାଜେଶ କୁମାର ମହାନ୍ତି ,ବିଶ୍ୱଜିତ ବରାଳ ,ସୁଶାନ୍ତ ନାୟକ ଓ ଲିପୁନ ଦାସ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray